ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.308 Bhubaneswar Tuesday January 24 2023 | ୨୫ତମ ବର୍ଷ ସଂଖ୍ୟା-୩୦୮ ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୨୪, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS




ଆସିକା ବ୍ଲକ୍ ଅନ୍ତର୍ଗତ କେନ୍ଦୁପଦର ଠାରେ ଘୁମୁସର ତାଲୁକା ବଣାୟତ ଓଡ଼ିଆ ସମାଜ ' ନିର୍ବାଚନ ମହାସଭା'ରେ ମାନ୍ୟବର ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେବା ସହିତ ଜନ ପ୍ରତିନିଧି ଏବଂ ଜିଲ୍ଲାର ବଣାୟତ ଓଡ଼ିଆ ସମାଜର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ

## ଏସୟୁଜେ ପକ୍ଷରୁ ଜାତୀୟ ସାମ୍ବାଦିକ ୟୁନିଅନର ୫୧ ତମ ପ୍ରତିଷ୍ଠା ଦିବସ ପାଳନ

### ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ ଓ ଭତ୍ତା ପ୍ରଦାନ ପାଇଁ କେନ୍ଦ୍ର ସରକାର ଙ୍କ ଠାରେ ଦାବି




ଫୁଲନଖରା ତା୨୩।୦୧: ରାଜ୍ୟ ସାମ୍ବାଦିକ ସଙ୍ଘ (ଏସୟୁଜେ) ଓଡ଼ିଶା ପକ୍ଷରୁ କଟକ ଜିଲ୍ଲାର ଫୁଲନଖରା ଠାରେ ଜାତୀୟ ସାମ୍ବାଦିକ ୟୁନିଅନ (ଏୟୁଜେଆଇ) ର ୫୧ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏସୟୁଜେ ର ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକ ଙ୍କ ଅଧକ୍ଷତା କ୍ରମେ ଏହି କାର୍ଯ୍ୟକ୍ରମରେ ଜାତୀୟ ସାମ୍ବାଦିକ ୟୁନିଅନର ସମ୍ପାଦକ ଅଜୟ କୁମାର ସାହୁ ଅତିଥି ଭାବେ ଯୋଗ ଦେଇ ଆମ ରାଜ୍ୟ ଠାରୁ ଆରମ୍ଭ କରି ସମଗ୍ର ଦେଶରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କର ସାମାଜିକ, ବୃତ୍ତିଗତ ଓ ବୃତ୍ତିଗତ ସୁରକ୍ଷା ପ୍ରତି ବର୍ତ୍ତମାନ କିପରି ଆହ୍ୱାନ ସୃଷ୍ଟି ହୋଇଛି ସେ ନେଇ ଆଲୋଚନା କରିଥିଲେ। ତେବେ ଏହି ସର୍ବ ଭାରତୀୟ ସଂଗଠନ ଦେଶର ସାମ୍ବାଦିକ ମାନଙ୍କ ସ୍ୱାର୍ଥ ରକ୍ଷା ଓ ସୁରକ୍ଷାପାଇଁ ଅହରହ କାର୍ଯ୍ୟ କରି ଆସୁଥିବାବେଳେ କେନ୍ଦ୍ର ସରକାର ଖୁବଶିଘ୍ର ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା, ପ୍ରତ୍ୟେକ କାର୍ଯ୍ୟରତ ଏବଂ କାର୍ଯ୍ୟ ରୁ ବିରତ ନେଇଥିବା ସାମ୍ବାଦିକ ଙ୍କୁ ସର୍ବନିମ୍ନ ୨୫ ହଜାର ଟଙ୍କା ର ଭତ୍ତା ଓ ପେନସନ ପ୍ରଦାନ, ଜାତୀୟ ସ୍ତରରେ ସାମ୍ବାଦିକ କଲ୍ୟାଣ ପାଣ୍ଠି ଗଠନ, ଓଡ଼ିଶା ରାଜ୍ୟ ସରକାରଙ୍କ ପରି କୋଭିଡେ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ରାଶି ପ୍ରଦାନ ପାଇଁ ଦାବି ଶ୍ରୀ ସାହୁ ଙ୍କ ସମେତ ଅନ୍ୟ ନେତୃବୃନ୍ଦ ଦାବି କରିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ତଥା ପ୍ରାକ୍ତନ ଜାତୀୟ ଉପସଭାପତି ପ୍ରଶାନ୍ତ କୁମାର ପାଢ଼ୀ ଏନୟୁଜେ ଗଠନ ର ଇତିହାସ ସମ୍ପର୍କରେ ବିସ୍ତୃତ ସୂଚନା ରଖିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ସାମ୍ବାଦିକ କଲ୍ୟାଣ ପାଣ୍ଠି ଅଧକ୍ଷ ଗଗନ ବିହାରୀ ସାହୁ,ଉପସଭାପତି ବାସୁଦେବ ତ୍ରିପାଠୀ, କୀର୍ତ୍ତି ଚନ୍ଦ୍ର ସାହୁ, ଦୁଷ୍ମନ୍ତ କୁମାର ପଣ୍ଡା,ମେହେବୁବ ମହତାବ, ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ପ୍ରୟାଗରାଜ କର,ବବୁଲ ସିଂ, ଉଦୟନାଥ ଖଣ୍ଡାଇ, ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଗଗନ ଶର୍ମା, ଚିନ୍ତାମଣି ପାଢ଼ୀ, ରାଜ୍ୟ ସମ୍ପାଦକ ମହେନ୍ଦ୍ର କୁମାର ଦର୍ଜୀ, ବାଳକୃଷ୍ଣ ପଟ୍ଟନାୟକ, ବିଭୁତି ପ୍ରସାଦ ପଣ୍ଡା, ଶଶାଙ୍କ ଶେଖର ଝାଙ୍କର, ଶିବାଶିଷ ମହାନ୍ତି, କୋଷାଧକ୍ଷ ଅଖିଳେଶପଦ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଜାତୀୟ ପରିଷଦ ସଭ୍ୟ ସୁବାଷ ଧଳ ଅତିଥି ପରିଚୟ ଓ ରମେଶ ଚନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯାଜପୁର ଟାଉନ୍ ଠାରେ ସ୍ଥାନୀୟ ଥାନାଧିକାରୀ ଜଣେ କାର୍ଯ୍ୟରତ ସାମ୍ବାଦିକ ଙ୍କୁ ମାଡଦେବାକୁ ଧମକ ର ପ୍ରତିବାଦ କରାଯିବା ସହିତ ସମ୍ପୃକ୍ତ ଇନ୍ସପେକ୍ଟରଙ୍କୁ କାର୍ଯ୍ୟ ରୁ ନିଲମ୍ବନ ପାଇଁ ଦାବି କରାଯାଇଥିଲା। ଶେଷରେ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସୁରନାରାୟଣ ସାହୁ ଧନ୍ୟବାଦ ଦେଇଥିଲେ।

## ସୁଟକେଶରେ ଯୁବକଙ୍କ ମୃତଦେହ ଘଟଣା: ନିର୍ଯାତନା ଅସହ୍ୟ ହେବାରୁ ହତ୍ୟା ଯୋଜନା କରିଥିଲେ ସ୍ତ୍ରୀ

ନାଚୁଣୀ, ୨୩।୧(ପି.ଏନ): ଖୋର୍ଦ୍ଧା ଜିଲ୍ଲା ନାଚୁଣୀରେ ସୁଟକେଶରେ ଭର୍ତ୍ତି ଯୁବକଙ୍କ ମୃତଦେହ ମିଳିବା ଘଟଣାର ପର୍ଦ୍ଦାଫାସ କରିଛଇ ପୁଲିସ। ଏନେଇ ଖୋର୍ଦ୍ଧା ଆରକ୍ଷୀ ଅଧୀକ୍ଷକ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ମୃତକ ମନୋରଞ୍ଜନ ମହାପାତ୍ରଙ୍କ ସ୍ତ୍ରୀ ମିଲି ହିଁ ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ। ମିଲିଙ୍କ କହିବା ଅନୁଯାୟୀ, ସ୍ୱାମୀ ମନୋରଞ୍ଜନ ତାଙ୍କୁ ସବୁବେଳେ ମାରପିଟ କରୁଥିଲେ। ନିର୍ଯାତନା ଅସହ୍ୟ ହେବାରୁ ମିଲି ଏଭଳି ପଦକ୍ଷେପ ନେଇଛନ୍ତି। ସେ ହିଁ ତାଙ୍କ ଭାଇଙ୍କ ସହାୟତାରେ ମନୋରଞ୍ଜନ ମହାପାତ୍ରଙ୍କୁ ହତ୍ୟା କରିଛନ୍ତି। ପୂର୍ବରୁ ଆଜି ଘଟଣାର ସିନ୍ ରିକ୍ରିଏସନ କରିଛି ପୁଲିସ।ସୂଚନାଯୋଗ୍ୟ, ଗତକାଲି ଖୋର୍ଦ୍ଧା ଜିଲ୍ଲା ନାଚୁଣୀ ଥାନା ଅନ୍ତର୍ଗତ ହରିପୁର ଜଙ୍ଗଲରୁ ଏକ ସୁଟକେଶରେ ଭର୍ତ୍ତି ଜଣେ ଯୁବକଙ୍କ ମୃତଦେହ ମିଳିଥିଲା। ମୃତ ଯୁବକଙ୍କ ନାମ ମନୋରଞ୍ଜନ ମହାପାତ୍ର (୩୫)। ସେ ରଣପୁର ଥାନା ଓ ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ପଞ୍ଚାୟତ ଅଧୀନ ଲାଖପଡା ଗ୍ରାମର ଗଙ୍ଗାଧର ମହାପାତ୍ରଙ୍କ ପୁଅ ଅଟନ୍ତି।ସୂଚନା ଅନୁସାରେ ଗତକାଲି ସକାଳେ ସ୍ଥାନୀୟ କିଛି ଲୋକ ଉକ୍ତ ଜଙ୍ଗଲ ଭିତରକୁ କାଠ ସଂଗ୍ରହ ପାଇଁ ଯାଇଥିବା ବେଳେ ଏକ ନୀଳ ରଙ୍ଗର ସୁଟକେଶ ପଡ଼ିଥିବା ଦେଖିଥିଲେ। କାଳେ ଏଥିରେ କିଛି ସନ୍ଦିଗ୍ଧ ଜିନିଷ ଥାଇପାରେ ବୋଲି ସନ୍ଦେହ କରି ଏବାବଦରେ ସ୍ଥାନୀୟ ପୁଲିସ ଥାନାକୁ ଖବର ଦେଇଥିଲେ। ହରିପୁର ବୃଷଭ ଛକ ୧୬ ନମ୍ବର ଜାତୀୟ ରାଜପଥ ନିକଟରୁ ଅନତି ଦୁର ତାରିଣୀ ମନ୍ଦିର ପାଖ ହରିପୁର ଜଙ୍ଗଲ ମଧ୍ୟରେ ଏହି ଅଜଣା ସୁଟକେଶ ପଡ଼ିଥିବା ଖବର ପାଇ ନାଚୁଣୀ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସୁଟକେଶ ଖୋଲିବା ପରେ ଘଟଣାଟି ଜଣାପଡ଼ିଥିଲା।ପୁଲିସ ଏହି ଘଟଣାଟିର ସବୁ ଦିଗକୁ ନେଇ ତନାଘନା ଜାରି ରଖିଥିଲା। ସୂଚନାରୁ ପ୍ରକାଶ, ଏହି ଅଜଣା ସୁଟକେଶ ଖୋଲିବା ପରେ ଏଥିରେ ଏକ ଯୁବକର ଶବ ଯାହାର ହାତ ଗୋଡ ମୋଡ଼ି ମାଡ଼ି ରଖା ଯାଇଥିବା ଦେଖିବାକୁ ମିଳିଥିଲା। ପୁଲିସ ତନାଘନା ଜାରି ରଖିଥିଲା। ନାଚୁଣୀ ଥାନା ଅଧିକାରୀ ଚନ୍ଦ୍ରଶେଖର ଜେନା ଓ ପୁଲିସ ସଦଳବଳେ ଏହି ଜାଗାରେ ଉପସ୍ଥିତ ରହିଥିଲେ। ବାଲୁଗାଁ ଏସଡିଓ ମାନସ ରଞ୍ଜନ ବାରିକ ମଧ ଘଟଣାସ୍ଥଳରେ ପହଞ୍ଚି ଘଟଣା ଉପରେ ନଜର ରଖିଥିଲେ। ଘଟଣାଟି ସାଧାରଣରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

## ପୋଲ ତଳକୁ ଖସିଲା ବସ୍; ୨ ମୃତ, ବହୁ ଆହତ




ଢେଙ୍କାନାଳ, ୨୩।୧(ପି.ଏନ): ଯାତ୍ରୀଙ୍କୁ ନେଇ କେନ୍ଦ୍ରାପଡା ଜିଲ୍ଲାର ଇଚ୍ଛାପୁରକୁ ଯାଉଥିବା ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ବସ୍ ?ଟି ୫୫ ନମ୍ବର ଜାତୀୟ ରାଜପଥର ସିମିନଈ ପଞ୍ଚୁବଟି ନିକଟରେ ଭାରସାମ୍ୟ ହରାଇ ହଠାତ୍ ପୋଲ ତଳକୁ ଖସି ପଡିଥିଲା। ଫଳରେ ବସ୍‌ରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଦୁଇ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ବହୁ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ଲାଗି ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।ସୂଚନା ଯୋଗ୍ୟ ଯେ, ବସ୍‌ଟି ୪୦ରୁ ଅଧିକ ଯାତ୍ରୀଙ୍କୁ ନେଇ ଢେଙ୍କାନାଳରୁ କେନ୍ଦ୍ରାପଡା ଜିଲ୍ଲାର ଇଚ୍ଛାପୁରକୁ ଯାଉଥିଲା। ବସ୍‌ଟି ଯାଉଥିବା ବେଳେ ୫୫ ନମ୍ବର ଜାତୀୟ ରାଜପଥର ସିମିନଈ ପଞ୍ଚୁବଟି ନିକଟରେ ଭାରସାମ୍ୟ ହରାଇ ପୋଲ ଉପରୁ ତଳକୁ ଖସିପଡିଥିଲା। ଘଟଣାସ୍ଥଳରେ ଦୁଇ ଜଣ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ବହୁ ସଂଖ୍ୟାରେ ଯାତ୍ରୀ ଆହତ ହୋଇଥିଲେ। ସେମାନଙ୍କୁ ଚିକିତ୍ସା ଲାଗି ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଆହତମାନଙ୍କ ମଧ୍ୟରୁ ୧୫ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ମୃତ ଦୁଇ ମହିଳାଙ୍କ ପରିଚୟ ମିଳିଛି। ସେମାନେ ହେଲେ ରେଣୁବାଳା ଜେନା ଓ ବିଜୟଲକ୍ଷ୍ମୀ ସ୍ୱାଇଁ। ସେମାନଙ୍କ ଗ୍ରାମ କେନ୍ଦ୍ରାପଡ଼ା ଜିଲ୍ଲାର ଇଚ୍ଛାପୁରରେ। ସମସ୍ତେ ହରିଶଙ୍କରରୁ ପିକିନିକ ସାରି ଫେରୁଥିଲେ।

## ଆଗାମୀ ନିର୍ବାଚନର ଲଢିବାକୁ ସଂକେତ ଦେଲେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୨୩।୧(ପି.ଏନ): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଗାମୀ ନିର୍ବାଚନରେ ଲଢିବାକୁ ସଂକେତ ଦେଇଛନ୍ତି । ସେ ଏକ ଇଂରାଜୀ ଗଣମାଧ୍ୟମକୁ ଦେଇଥିବା ସାକ୍ଷାତକାରରେ ଏହା କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଗାମୀ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବାକୁ ସେ ଦଳକୁ ଅନୁରୋଧ କରିଛନ୍ତି । ତେବେ ବିଧାନସଭା ନା ଲୋକସଭା ପାଇଁ ସେ ପ୍ରତିଦ୍ୱନ୍ଦିକା କରିବେ ତାହା ସେ ସ୍ପଷ୍ଟ କରି ନାହାନ୍ତି । ଉଲ୍ଲେଖନୀୟ ଯେ ସେ ୨୦୦୪ ମସିହାରେ ଦେବଗଡ ଲୋକସଭା ଆସନରେ ବିଜୟୀ ହୋଇଥିଲେ । ଏହା ପରେ ୨୦୦୯ ମସିହାରେ ବିଧାନସଭା ନିର୍ବାଚନ ଲଢ଼ି ଥିଲେ ହେଁ ପରାଜିତ ହୋଇଥିଲେ ।

### ହକି ବିଶ୍ୱକପର ଟିକେଟ ବ୍ଲାକ କରି ଚାରି ଜଣ ଗିରଫ

ଭୁବନେଶ୍ୱର, ୨୩।୧(ପି.ଏନ): ଭୁବନେଶ୍ୱର ଓ ରାଉରକେଲା ଠାରେ ଚାଲିଥିବା ପୁରୁଷ ହକି ବିଶ୍ୱକପର ଟିକେଟ ବ୍ଲାକ କରିବା ଅଭିଯୋଗରେ କମିଶନରେଟ ପୋଲିସ ଚାରି ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୮ଟି ଟିକେଟ ଜବତ କରାଯାଇଛି । କମିଶନରେଟ ପୋଲିସ ପକ୍ଷରୁ ଏହି ସୂଚନା ଦିଆଯାଇଛି ।

### ଅଟ୍ରୋସିଟି କେସ୍‌ରେ ଓକିଲ-ପୋଲିସ ନେଉଛନ୍ତି କମିଶନ-ମନ୍ତ୍ରୀ ତୁଷାରକାନ୍ତି ବେହେରା

ଭୁବନେଶ୍ୱର, ୨୩।୧(ପି.ଏନ): ଆଟ୍ରୋସିଟି ମାମଲା ଓ ପୋଲିସ ଏବଂ ଓକିଲ ମାନଙ୍କୁ ନେଇ ନେଇ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଅତ୍ୟନ୍ତ ଗୁରୁତର ବକ୍ତବ୍ୟ ଦେଇଛନ୍ତି . ସେ କହିଛନ୍ତି ଯେ ପୀଡ଼ିତଙ୍କଠାରୁ ପୋଲିସ କମିଶନ ନେଉଛି । ଖାଲି ପୋଲିସ ନୁହେଁ ଆଇନଜୀବୀ ମଧ୍ୟ ପୀଡ଼ିତଙ୍କଠାରୁ ନେଉଛନ୍ତି କମିଶନ । ସେ ଆହୁରି ଏକ ମଧ୍ୟ ସ୍ୱୀକାର କରିଛନ୍ତି ଯେ, ଅଧିକାଂଶ ଆଟ୍ରୋସିଟି ମାମଲା ରାଜନୈତିକ ପରିଚାଳିତ । କାହାକୁ ଫସେଇବାକୁ ହେଲେ ଅନୁସୂଚିତ ଜାତି – ଜନଜାତି ମାମଲାର ସହାୟତା ନିଆଯାଉଛି ବା ସେଥିରେ ଛନ୍ଦି ଦିଆଯାଉଛି । ଆଟ୍ରୋସିଟି କେସ୍ ଲାଗିଲେ ଜଣେ ବ୍ୟକ୍ତି ଡରିବା ସ୍ୱାଭାବିକ୍ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ପୋଲିସ ଅନୁସୂଚିତ ଜାତି – ଜନଜାତି ଲୋକଙ୍କୁ କିଛି କ୍ଷେତ୍ରରେ ପଲିଟିକାଲ ଟୁଲ୍ ଭାବେ ବ୍ୟବହାର କରାଯାଉଛି ।

## ପୁଲିସଙ୍କ ପୋଲ୍ ଖୋଲିଲେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ

ଭୁବନେଶ୍ୱର, ୨୩।୧(ପି.ଏନ): ପୁଲିସଙ୍କ ପୋଲ୍ ଖୋଲିଲେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ। ପୁଲିସ ଖାଉଛି କମିଶନ। ପୀଡ଼ିତ ପାଉଥିବା କ୍ଷତିପୂରଣରୁ କିଛି ପୁଲିସ ଓ କିଛି ଓକିଲ ନେଇଯାଉଛନ୍ତି। ମିଛ ମାମଲାକୁ ସତ କରି ଦେଉଛନ୍ତି। କହୁ କହୁ ଏମିତି କହିଦେଲେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା। ତାଙ୍କର ଏହି ସାଂଘାତିକ ମନ୍ତବ୍ୟକୁ ନେଇ ସବୁଠି ଅଲୋଚ଼ନା। ଭୁବନେଶ୍ୱରରେ ଆଜି ଆଇନ ସେବା ସଂସ୍ଥା 'କ୍ଲାପ' ପକ୍ଷରୁ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସେ ଯୋଗ ଦେଇ ଏହି ମତ ରଖିଛନ୍ତି।ସେ କହିଛନ୍ତି, ଗତ ୭ ମାସ ଧରି ମନ୍ତ୍ରୀ ଓ ସାଢ଼େ ୩ ବର୍ଷ ଧରି ବିଧାୟକ ଦାୟିତ୍ୱ ନେବା ଭିତରେ ତାଙ୍କ ପାଖକୁ ଅନେକ ଲୋକ କ୍ଷତିପୂରଣ ସହାୟତା ପ୍ରଦାନ ନିମନ୍ତେ ନିବେଦନ ନେଇ ଆସିଛନ୍ତି। ଯାହା ଭିତରେ ଅଧିକାଂଶ ଯୌତୁକ ନିର୍ଯାତନା ଓ ଏସ୍‌ସି/ଏସ୍‌ଟି ନିର୍ଯାତନା ମାମଲା ଥିଲା। ଏହା ଭିତରୁ ଅଧିକାଂଶ ଆଟ୍ରୋସିଟି ମାମଲା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଥିଲା। ସରପଞ୍ଚ ଓ ସମିତି ସଭ୍ୟଙ୍କ ସହାୟତା ନେଇ କୌଣସି ଲୋକକୁ ଫସାଇବା ନିମନ୍ତେ ଏସ୍‌ସି/ଏସ୍‌ଟି ନିର୍ଯାତନା ମାମଲା କରାଯାଇଥାଏ। ଥାନା ବାବୁଙ୍କ ଉପରେ ଗୋଟାଏ ପଟେ ରାଜନୈତିକ ଲୋକେ ଏ ବାବଦରେ ଚାପ ପକାନ୍ତି। ଅନ୍ୟପଟେ ପୀଡିତ ଲୋକ ରହିଥାଏ। ସେ ଏହାର ଭୁକ୍ତଭୋଗୀ।

## ପୋଲିସ କମିଶନ ନେଉଛି: ମନ୍ତ୍ରୀ



ଭୁବନେଶ୍ୱର, ୨୩।୧(ପି.ଏନ): ପୁଲିସଙ୍କ ପୋଲ୍ ଖୋଲିଲେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ। ପୁଲିସ ଖାଉଛି କମିଶନ। ପୀଡ଼ିତ ପାଉଥିବା କ୍ଷତିପୂରଣରୁ କିଛି ପୁଲିସ ଓ କିଛି ଓକିଲ ନେଇଯାଉଛନ୍ତି। ମିଛ ମାମଲାକୁ ସତ କରି ଦେଉଛନ୍ତି। କହୁ କହୁ ଏମିତି କହିଦେଲେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା। ତାଙ୍କର ଏହି ସାଂଘାତିକ ମନ୍ତବ୍ୟକୁ ନେଇ ସବୁଠି ଅଲୋଚ଼ନା। ଭୁବନେଶ୍ୱରରେ ଆଜି ଆଇନ ସେବା ସଂସ୍ଥା 'କ୍ଲାପ' ପକ୍ଷରୁ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସେ ଯୋଗ ଦେଇ ଏହି ମତ ରଖିଛନ୍ତି।ସେ କହିଛନ୍ତି, ଗତ ୭ ମାସ ଧରି ମନ୍ତ୍ରୀ ଓ ସାଢ଼େ ୩ ବର୍ଷ ଧରି ବିଧାୟକ ଦାୟିତ୍ୱ ନେବା ଭିତରେ ତାଙ୍କ ପାଖକୁ ଅନେକ ଲୋକ କ୍ଷତିପୂରଣ ସହାୟତା ପ୍ରଦାନ ନିମନ୍ତେ ନିବେଦନ ନେଇ ଆସିଛନ୍ତି। ଯାହା ଭିତରେ ଅଧିକାଂଶ ଯୌତୁକ ନିର୍ଯାତନା ଓ ଏସ୍‌ସି/ଏସ୍‌ଟି ନିର୍ଯାତନା ମାମଲା ଥିଲା। ଏହା ଭିତରୁ ଅଧିକାଂଶ ଆଟ୍ରୋସିଟି ମାମଲା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଥିଲା। ସରପଞ୍ଚ ଓ ସମିତି ସଭ୍ୟଙ୍କ ସହାୟତା ନେଇ କୌଣସି ଲୋକକୁ ଫସାଇବା ନିମନ୍ତେ ଏସ୍‌ସି/ଏସ୍‌ଟି ନିର୍ଯାତନା ମାମଲା କରାଯାଇଥାଏ। ଥାନା ବାବୁଙ୍କ ଉପରେ ଗୋଟାଏ ପଟେ ରାଜନୈତିକ ଲୋକେ ଏ ବାବଦରେ ଚାପ ପକାନ୍ତି। ଅନ୍ୟପଟେ ପୀଡିତ ଲୋକ ରହିଥାଏ। ସେ ଏହାର ଭୁକ୍ତଭୋଗୀ।

## ହ୍ୟୁମାନ-ଶ୍ରୀୟା ବିବାଦ ମାମଲା: ଆଜି ମହିଳା କୋର୍ଟରେ ହାଜର ହେଲେନି ଦମ୍ପତି

ଭୁବନେଶ୍ୱର, ୨୩।୧(ପି.ଏନ): ଗାୟକ ହ୍ୟୁମାନ ସାଗର ଓ ତାଙ୍କର ପତ୍ନୀ ଶ୍ରୀୟା ବିବାଦ ମାମଲାରେ ଆଜି ଉଭୟଙ୍କର କଟକ ସ୍ଥିତ ମହିଳା କୋର୍ଟରେ ହାଜର ହେବାର ଥିଲା । ମାତ୍ର ଉଭୟ ଥାନାରେ ହାଜର ହୋଇ ନାହାନ୍ତି । ତେଣୁ କମିଶନରେଟ ପୋଲିସ ପକ୍ଷରୁ ଉଭୟଙ୍କର କାଉନସେଲିଂକୁ ଆଗାମୀ ୩୦ ତାରିଖ ଯାଏ ଘୁଂଚାଇ ଦିଆଯାଇଛି । କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ଯେ ଶ୍ରୀୟା ୩୦ ତାରିଖ ଦିନ ମହିଳା ଥାନାକୁ ଆସିବେ।

## ଆଣ୍ଡାମାନ-ନିକୋବରର ୨୧ ଟି ଦ୍ୱୀପର ନାମକରଣ ପରମବୀର ଚକ୍ର ବିଜେତାଙ୍କ ନାମରେ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୩।୧(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ଦିନ ଭିଡିଓ କନଫ୍ରେନ୍ସିଂ ଜରିଆରେ ଆଣ୍ଡାମାନ- ନିକୋବରର ୨୧ ଟି ଅନାମ ଦ୍ୱୀପର ନାମକରଣ ପରମବୀର ଚକ୍ର ବିଜେତାଙ୍କ ନାମରେ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ନେତାଜୀ ସୁଭାଷ ସୁଭାଷ ଚନ୍ଦ୍ର ବୋଷ ଦ୍ୱୀପରେ ନିର୍ମିତ ନେତାଜୀଙ୍କୁ ସମର୍ପିତ ରାଷ୍ଟ୍ରୀୟ ସ୍ମାରକର ମଡେଲକୁ ମଧ୍ୟ ଅନାବରଣ କରିଛନ୍ତି । ଅଣ୍ଡାମାନ ଓ ନିକୋବର ଦ୍ୱୀପ ସମୁହର ଐତିହାସିକ ମହତ୍ୱକୁ ଆଖି ଆଗରେ ରଖି ନେତାଜୀ ସୁଭାଷ ବୋଷଙ୍କ ସ୍ମୃତିକୁ ସମ୍ମାନ କରିବାକୁ ରାସ ଦ୍ୱୀପସମୂହର ନାମ ବଦଳାଇ ୨୦୧୮ ମସିହାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଦ୍ୱୀପ ରଖାଯାଇଥିଲା ।

### ଚୀନର ଘାତକ ଗୁଇନ୍ଦା ଜାହାଜ, ପ୍ରଶାନ୍ତ ମହାସାଗରରେ ସାଜିପାରେ ବଡ ବିପଦ

ନୂଆଦିଲ୍ଲୀ, ୨୩।୧(ପି.ଏନ): ବିଶ୍ୱର ବିଭିନ୍ନ ସ୍ଥାନରେ ସାମରିକ ଶକ୍ତି ପ୍ରଦର୍ଶନ କରୁଛି ଚୀନ । ଗତ କିଛି ବର୍ଷ ମଧ୍ୟରେ ଆମେରିକା ଓ ଚୀନ ମଧ୍ୟରେ ବଡ ପ୍ରତିଦ୍ୱନ୍ଦିତା ଦେଖିବାକୁ ମିଳୁଛି । ତେବେ ଲାଗୁଛି ଚୀନ ଆମେରିକାକୁ ମାତ୍ ଦେଇ ଦେଇଛି। କାରଣ ଚୀନ ଦାବି କରିଛି ଯେ ସେ ଦୁନିଆର ଏଭଳି ଏକ ଜାହାଜ ନିର୍ମାଣ କରିଛି, ଯାହାକୁ ଦୂରରେ ଥାଇ ମଧ ସଞ୍ଚାଳନ କରିହେବ । ଚୀନର କହିବା କଥା ହେଲା ଏହି ଜାହାଜ ଅଟୋ ଅପରେଟ୍ ବା ସ୍ୱଂୟଚାଳିତ ହୋଇଥାଏ । ଏହା ହେଉଛି ଚାଇନାର ଡ୍ରୋନ୍ ଜାହାଜ ଝୁ-ହେଁ-ୟୁ । ୨୦୨୨ ମଇରେ କରିଥିଲା ଲଞ୍ଚ ।

### କଟକରେ ୨୩ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୩ ଗିରଫ

କଟକ, ୨୩।୧(ପି.ଏନ): କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ଦ୍ୱାରା ୨୩ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ। ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ତିନି ଜଣଙ୍କୁ ଗିରଫ କରିଛି ଅବକାରୀ ବିଭାଗ। ଫୁଲବାଣୀରୁ କଲିକତା ଚାଲାଣ ବେଳେ କଟକ ବିଭିନ୍ନ ସ୍ଥାନରୁ ଜବତ କଲା ଅବକାରୀ ବିଭାଗ।

## ଜଳବାୟୁ ପରିବର୍ତ୍ତନ ରୋକା ନ ଗଲେ ପୃଥିବୀ ଧ୍ୱଂସ ପାଇବ : ଓଡ଼ିଶା କଲ୍ୟାଣ ପାର୍ଟି

ଭୁବନେଶ୍ୱର, ୨୩।୧(ପି.ଏନ): ଜଳବାୟୁ ପରିବର୍ତନ, ପରିବେଶ ପ୍ରଦୁ୍ୟଷଣ ତଥା ବଢି ଚାଲିଥିବା ତାପମାନ ଆଜି ମାନବ ସଭ୍ୟତା ପାଇଁ କାଳ ହୋଇଛି। ମହାମାରୀ କୋଭିଡ୍, ଦୁର୍ଭିକ୍ଷ, ବୃଷ୍ଟିହୀନତା, ବନ୍ୟା, ବାତ୍ୟା ଇତ୍ୟାଦି ପାଇଁ ଏହି ଜଳବାୟୁ ପରିବର୍ତନ ହିଁ ଦାୟୀ।ବର୍ତମାନ ପୃଥିବୀ ପୃଷ୍ଠରୁ ଅନେକ ଜୀବଜନ୍ତୁ ଓ ଫଳପୁଷ୍ପ ଲୋପ ପାଇଗଲାଣି। ଏହି ଧାରା ଜାରି ରହିଲେ ଆଗାମୀ ଦଶବର୍ଷ ଭିତରେ ଆମେ ବିଭୀଷିକା ବିଧ୍ୱସ୍ତ ମଧ୍ୟରେ ନିଜକୁ ପାଇବା। ଜାତିସଂଘର ଏକ ଆକଳନ ଅନୁଯାୟୀ ଯଦି ସମୁଦ୍ର ପତନ ୦.୫ ସେଂଟିମିଟର ବୃଦ୍ଧିପାଏ ତେବେ କେବଳ ଭାରତରୁ ୨୫ କୋଟି ଲୋକ ନିଶ୍ଚିହ୍ନ ହୋଇଯିବେ। ବିଶାଖାପାଟଣା, ଚେନ୍ନାଇ, ମୁମ୍ବାଇ, କୋଚି ତଥା ଓଡ଼ିଶାର ଗୋପଳପୁର, ପାରାଦ୍ୱୀପ ଆଦି ସମସ୍ତ ଉପକୂଳବର୍ତୀ ସହର ଜଳମଗ୍ନ ହୋଇଯିବ ବୋଲି ଓଡ଼ିଶା କଲ୍ୟାଣ ପାର୍ଟିର ନବନିର୍ବାଚିତ ସଭାପତି ଡଃ ଅଭିନ୍ନ ଚନ୍ଦ୍ର ହେତା ପ୍ରତିଷ୍ଠାତା ସଭାପତି ଆଲୋକ ଜେନାଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିବା ଅବସରରେ ଏହା ପ୍ରକାଶ କରିଛନ୍ତି।ସୋମବାର ଦିନ ଓଡ଼ିଶା ପ୍ରେସ୍ କ୍ଲବଠାରେ ଦଳର କାର୍ଯ୍ୟକାରିଣୀ ବୈଠକରେ 'ସମସ୍ତଙ୍କ ପାଇଁ ନିଶୁଳ୍କ ଶିକ୍ଷା ସମସ୍ତଙ୍କ ପାଇଁ ନିଶୁଳ୍କ ସ୍ୱାସ୍ଥ୍ୟ' ସମ୍ପର୍କରେ ସବିଶେଷ ଆଲୋଚନା ହୋଇଥିଲା। ସମ୍ବିଧାନର ବିଭିନ୍ନ ଧାରା ୧୪ ସମାନତାର ଅଧିକାର, ଧାରା ୧୯ ବାକ୍ ସ୍ୱାଧୀନତା ଏବଂ ଧାରା ୨୧ ଜୀବନ ଏବଂ ଜୀବିକାର ଅଧିକାରକୁ ବ୍ୟାପକ ଭାବରେ ପ୍ରଚାର ପ୍ରସାର କରିବାକୁ ଦଳ ତାର ଅଙ୍ଗୀକାର ବଦ୍ଧତାକୁ ପରିପ୍ରକାଶ କରିଥିଲା। ମାନବାଧିକାର, ସାମାଜିକ ନ୍ୟାୟ, ଚାଷୀ ସମସ୍ୟା, ମହିଳା, ଛାତ୍ର, ଯୁବକ ସମ୍ପର୍କିତ ସମସ୍ୟା ସମ୍ବନ୍ଧରେ ସଭ୍ୟମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରିଣୀ ଦ୍ୱାରା ଉପସଭାପତି ଡଃ ରାମଚନ୍ଦ୍ର ରାଉତରାୟ, ସୁଶାନ୍ତ ବେଉରିଆ, ସାଧାରଣ ସମ୍ପାଦକ ଇଂ ରାଜେଶ ମଲ୍ଲିକ, ଡଃ ସଂଘମିତ୍ରା ମହାନ୍ତି, ତାପସ ଦାସ ଏବଂ କୋଷାଧକ୍ଷ ଡଃ ଅନୁ ଭଲ୍ଲା ପ୍ରମୁଖ ଦାୟିତ୍ୱ ଗ୍ରହଣ କରିଥିଲେ। ଓଡ଼ିଶା କଲ୍ୟାଣ ପାର୍ଟିର ମୁଖ୍ୟ ନିର୍ବାଚନ ଅଧିକାରୀ ଆଡ଼ଭୋକେଟ ରଶ୍ମିରେଖା ପଣ୍ଡା ନିର୍ବାଚନ ପରିଚାଳନା କରିଥିଲେ। ମୁଖ୍ୟ ଆଇନ ପରାମର୍ଶଦାତା ଆଡ଼ଭୋକେଟ ତରଣିକାନ୍ତ ବିଶ୍ୱାଳ ସମସ୍ତ ବିଷୟକୁ ଭାରତ ତଥା ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅବଗତ କରାଇବେ ବୋଲି କହିଥିଲେ। ମୁଖ୍ୟ ମୁଖପାତ୍ର ଡଃ ମଙ୍ଗଳା ପ୍ରସାଦ ମହାନ୍ତି ସାମ୍ବାଦିକ ସମ୍ମିଳନୀକୁ ପରିଚାଳନା କରିଥିଲେ।

## ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର ଘଟଣା, ଏବେବି ରହସ୍ୟଘେରରେ

ରାଉରକେଲା, ୨୩।୧(ପି.ଏନ): ରାଉରକେଲା ସହରରେ ଉଦିତନଗର ଥାନା ଅଂଚଳର ଏକ ବସ୍ତିରେ ଦିବାକର ପରିହାରୀ ନାମକ ବ୍ୟକ୍ତିଙ୍କର ଝୁଲନ୍ତା ଶରୀର ମିଳିବା ନେଇ ଥାନାରେ ଏକ ଅପମୃତ୍ୟୁ ହୋଇଥିବା ବେଳେ ଏଭଳି ଦିନ ସମୟରେ ଘରେ କେହିନଥିବା ବେଳେ ତାଙ୍କର ଝୁଲନ୍ତା ମୃତ ଶରୀର ମିଳିବା ନେଇ ଏବେ ନାନା ପ୍ରଶ୍ନ ସୃଷ୍ଟି ହୋଇଛି।ଖବରରୁ ଜଣାପଡିଛି, ସ୍ୱର୍ଗତ ଦିବାକର ଉଦିତନଗର ସେଲଟାକ୍ସ କଲୋନୀ ପାଖରେ ଖାଲିଥିବା ଯାଗାରେ ଏକ ଘର କରି ରହୁଥିଲେ। ପ୍ରଥମ ପତ୍ନୀଙ୍କ ପରେ ସେ ଦ୍ୱିତୀୟ ବିବାହ କରି ନିଜର ୨୧ ବର୍ଷିୟ ଝିଅ ଓ ୧୮ବର୍ଷିୟ ପୁଅ ପତ୍ନୀଙ୍କ ସହ ରହୁଥିଲେ । ସେ ଆରଏସପିରେ ଏକ ଘରୋଇ କଂପାନୀରେ କାମ କରି ପରିବାର ଚଳାଉଥିଲେ, ତାଙ୍କୁ ପିଲା ମାନେ ମଧ୍ୟ ସହଯୋଗ କରୁଥିଲେ । ତେବେ ଏତେ ସୁନ୍ଦର ଭାବେ ଚାଲିଥିବା ପରିବାର ଭିତରେ ପରିବାରର ମୁଖ୍ୟଙ୍କ ଶବ ଝୁଲନ୍ତା ଅବସ୍ଥାରେ ମିଳିବା ଓ ଶରୀରରୁ ଆଖି ଚାଲିଜିବା ନେଇ ନାନା କଥା ଆଲୋଚନା ଚାଲିଛି । ତେବେ ମୃତ୍ୟୁ ପଛରେ କାରଣ ନେଇ ତାଙ୍କ ପରିବାର ଲୋକ କିଛି କହିନଥିବା ବେଳେ ଦିବାକର ମାନସିକ ଅଶାନ୍ତି ଭିତରେ ରହୁଥିଲେ ଓ ସେଥିଲାଗି ସେ ପ୍ରାୟ ନିଶାସକ୍ତ ରହୁଥିଲେ, କିନ୍ତୁ, କାହାକୁ ବ୍ୟବହାର ଖରାପ କରୁନଥିଲେ, ଅନେକ ସମୟରେ ଗୁଡାଏ ଦିନ ଘରକୁ ମଧ ଆସୁନଥିଲେ ବୋଲି କୁହାଯାଉଛି। ସେପଟେ ତାଙ୍କ ଆଖି ଖୋଳାଜିବା ପଛରେ ସେ ଆଖିଦାନ କରିଥିବା କୁହାଯାଉଛି ହେଲେ ସେ କାହାକୁ କେବେ ଆଖି ଦାନ କରିବାକୁ କହିଥିଲେ ତାହା ତଦନ୍ତ ପରିସରକୁ ଆସିବା ଉଚିତ ବୋଲି ଅଂଚଳ ବାସିନ୍ଦା ଦାବି କରୁଛନ୍ତି । ନିକଟରେ ଏକ ଦୋକାନକୁ କୁଆଡେ ସେ ବିକି ଥିବା ବେଳେ କିଛି ଆର୍ଥିକ ସମସ୍ୟାରେ ସେ ଥିଲେ ବୋଲି ଆଲୋଚନା ଚାଲିଛି । ତେବେ ଗତ ଶନିବାର ଦିନ ହକି ଲାଗି ଆରଏମସି ପାଖରେ ଏସଏଚଜି ମାନଙ୍କୁ ନେଇ ଏକ ଭୋଜି ଚାଲିଥିବା ବେଳେ ଦିବାକରଙ୍କ ପରିବାର ସେଥିରେ ସାମିଲ ହୋଇଥିଲେ । ଦିବାକର ସେଠାକୁ ଖାଇବାକୁ ଯାଇଥିବା ବେଳେ ତାଙ୍କୁ କେହି ଦୁର୍ବ୍ୟବହାର କରିବାରୁ ସେ ସେଠାରୁ ଚାଲିଆସିଥିଲେ ବୋଲି କୁହାଯାଉଛି । ସମସ୍ତ କାର୍ଯ୍ୟକ୍ରମ ସରିବା ପରେ ତାଙ୍କ ପିଲା ମାନେ ଘରେ ଯାଇ ଦେଖନ୍ତି ତ କବାଟ ଖୋଲା ରହିଛି ଭିତରେ ଦିବାକରଙ୍କ ଶବ ଝୁଲୁଛି ଏକ ଚୁନୀରେ । ତୁରନ୍ତ ତାଙ୍କୁ ସରକାରୀ ଡାକ୍ତରଖାନାକୁ ନେବାରୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ଏହି ମୃତ୍ୟୁ ପଛର ଅସଲ କାରଣ କଣ ଏହା ଆତ୍ମ ହତ୍ୟା ନାଁ ଆଉ କିଛି ତାକୁ ନେଇ ସେହି ଅଂଚଳରେ ନାନା କଥା ଆଲୋଚନା ଚାଲିଛି ।

## ମଦ୍ୟପ ପୁଅକୁ ପଥରରେ ଛେଚିଲା ବାପା, ଗୁରୁତର ଅବସ୍ଥାରେ ଭୁବନେଶ୍ୱର ସ୍ଥାନାନ୍ତର




ନୟାଗଡ, ୨୩।୧(ପି.ଏନ) : ମଦ୍ୟପ ପୁଅର ମୁଣ୍ଡରେ ପଥର ଛେଚିଦେଲା ବୃଦ୍ଧ ବାପା । ଗୁରୁତର ଅବସ୍ଥାରେ ପୁଅକୁ ପ୍ରଥମେ ନୟାଗଡ ମେଡିକାଲ୍ ଏବଂ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ନୟାଗଡ ଜିଲ୍ଲା ଇଟାମାଟି ଗାଁ ପଞ୍ଚାୟତ ସାହିରେ ଆଜି ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ।ଗାଁର ତୈତାରୀ ମହାନ୍ତିଙ୍କ ଭିନ୍ନକ୍ଷମ ପୁଅ ଶିବପ୍ରସାଦ ସବୁ ସମୟରେ ନିଶାସେବନ କରି ଘରେ ଗଣ୍ଡଗୋଳ କରନ୍ତି । ଏଥିପାଇଁ ପରିବାରରେ ଅଶାନ୍ତି ଲାଗିରହୁଥିଲା । ଆଜି ଏହା ବିସ୍ଫୋରକ ରୁପ ନେଇଥିଲା । ସବୁଦିନପରି ଆଜି ଶିବ ଘରେ ଝଗଡା କରିବାରୁ ବାପା ତୈତାରୀ ଏଥିରେ ଅତିଷ୍ଠ ହୋଇ ପୁଅର ମୁଣ୍ଡରେ ଏକ ପଥର ଛେଚି ଦେଇଥିଲେ । ସଙ୍କଟାପନ୍ନ ଅବସ୍ଥାରେ ଶିବକୁ ପରିବାର ଲୋକେ ନୟାଗଡ ଡାକ୍ତରଖାନାକୁ ଆଣିଥିଲେ । ତେବେ ଅବସ୍ଥା ଗୁରୁତର ହେବାରୁ ଶିବକୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ଥାନାରେ ଏନେଇ ଅଭିଯୋଗ ହୋଇନଥିଲେ ମଧ୍ୟ ଇଟାମାଟି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।








# ଟି ଟାଇମ୍



## ଜୋକ୍ସ

ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?

ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା

ଶିକ୍ଷକ-କେଉଁଠି ପଡିଗଲ ଆଉ କ'ଣ ଲାଗିଗଲା ?

ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

# ପୁରାଣ କାହାଣୀ

# ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତାକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ ।

କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ଦାନ୍ତରେ ଟାଟୁ



ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ। ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି। ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ 'ନାହିମୁଦି' ଫ୍ୟାଶନ ଅନେକଙ୍କୁ କିମିଆ କରିଥିଲା। ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ। ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟାଙ୍ଗନା ଓ ମେଡଲମାନେ ବିଭିନ୍ନ ଶୋ'କୁ ଆସିବା ପରେ ଏହାର ଚାହିଦା ବଢ଼ିବଢ଼ି ଚାଲିଛି। କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି। ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ବିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟପ୍ସ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି 'ମେରାଲଜିଆ ପାରେସ୍ଥଟିକା' ବା 'ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ'। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକ୍କୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାର୍ଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ କ୍ଲିନିକ ୱେବସାଇଟର ମତ ଅନୁସାରେ କେବଳ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।






ଓଡିଶା ବିଧାନସଭା ପରିସରରେ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି ମୁଖ୍ୟମନ୍ତ୍ରୀ



କଟକରେ ନେତାଜୀଙ୍କ ଜୟନ୍ତୀ ଅବସରରେ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପାଖରେ ଅଛନ୍ତି କଟକ ମେୟର

# ଆଲଫା ବେଷ୍ଟର ଆଲଫା ମେଗା ଟାଲେଣ୍ଟ ସର୍ଚ୍ଚ



**କେନ୍ଦ୍ରାପଡ଼ା,(ପିଏନ)-** କେନ୍ଦ୍ରାପଡା ଜିଲ୍ଲାର ସର୍ବପ୍ରଥମ ଆବାସିକ ମହାବିଦ୍ୟାଳୟ "ଆଲଫା ବେଷ୍ଟ" ପରିସରରେ ଆଲଫା ବେଷ୍ଟ ମେଗା ଟାଲେଣ୍ଟ ସର୍ଚ୍ଚ କରାଯାଇଥିଲା। ଏଥିରେ ଜିଲ୍ଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ୪୯୨ଜଣ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ୧୫ଜଣ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଲଫା ବେଷ୍ଟ କଲେଜ ଅଧ୍ୟକ୍ଷ କ୍ଷୀରୋଦ ପ୍ରସାଦ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ କଲେଜ ପରିଚାଳନା ସମିତିର ଅଧ୍ୟକ୍ଷ ଡଃ. ଗନ୍ଧର୍ବ ଚରଣ ନାୟକ ମୁଖ୍ୟ ଅତିଥି, ନିର୍ଦ୍ଦେଶକ ଅନ୍ତରାମ ପଣ୍ଡା, ପରିଚାଳନା ନିର୍ଦ୍ଦେଶକ ଅଦ୍ୱୈତ ପ୍ରସାଦ ନାୟକ, ପୂର୍ବତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ପୀତବାସ ପଣ୍ଡା, ଅଧ୍ୟାପକ ଗୋବିନ୍ଦ ଦାସ, ଅଧ୍ୟାପକ ଗୋପବନ୍ଧୁ ବେହେରା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପକ ସମ୍ବିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଆଲଫା ବେଷ୍ଟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଭାରତ ଯୋଡ଼ ଯାତ୍ରା- ଓଡ଼ିଶା : ପହଂଚିଲା ସୋନପୁର ଜିଲ୍ଲା ସୀମାରେ

**ବରଗଡ / ବରପାଲି ,(ପିଏନ)-** ବରପାଲି ଠାରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଭାରତ ଯୋଡୋ ପଦଯାତ୍ରା ଦଳ ସହ ବରପାଲି ରେ ପହଂଚିବା ପରେ ତାଙ୍କୁ କଦଳୀ ପାଲି ମହାଦେବ ମନ୍ଦିର ସମ୍ମୁଖ ରେ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଅଭିଷେକ ସେଟ୍, କାଉନସିଲର ତଥା ନଗର କଂଗ୍ରେସ ସଭାପତି ସରୋଜ ଭୋଇ, ଗାଇସିଲେଟ ବ୍ଲକ କଂଗ୍ରେସ ସଭାପତି ଘନଶ୍ୟାମ ପାତ୍ର,ବରପାଲି ବ୍ଲକ୍ କଂଗ୍ରେସ ସଭାପତି ଫକିର ପ୍ରଧାନ, ସିଦ୍ଦିକି ହୁସେନ, ଶରତ ଶା, ବିଘ୍ନ ମେହେର ପ୍ରମୁଖ ସ୍ୱାଗତ କରିଥିଲେ।ଏହାପରେ ଶରତ ପଟ୍ଟନାୟକ ଙ୍କ ନେତୃତ୍ୱ ରେ ଚାଲିଥିବା ଭାରତ ଯୋଡୋ ଯାତ୍ରା ସେଠାରୁ ବାହାରିଥିଲା। ରାସ୍ତାରେ ଶ୍ରୀ ପଟ୍ଟନାୟକ କଚେରି ଛକ ରେ ଡ. ଭୀମ ରାଓ ଆମ୍ବେଦକର ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିଥିଲେ। ବାଜା ଗାଜା ସହ ପଦଯାତ୍ରା ଆଗକୁ ବଢିବା ସହ ଗାନ୍ଧୀ ଛକ ଠାରେ ବରପାଲି କୁସ୍ତି ସଂଘ ପକ୍ଷରୁ ଶ୍ରୀ ପଟ୍ଟନାୟକ ଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେଠାରେ ଶ୍ରୀ ପଟ୍ଟନାୟକ ମହାତ୍ମା ଗାନ୍ଧୀ ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ ପରେ କୁସ୍ତି ସଂଘ ପକ୍ଷରୁ ଆଖଡ଼ା ପ୍ରଦର୍ଶନ କରିଥିଲେ।ପରେ ପଦଯାତ୍ରା ଆଗକୁ ବଢିଥିଲା ।ଶ୍ରୀ ପଟ୍ଟନାୟକ ଙ୍କ ସମେତ କଂଗେସ ନେତୃବୃନ୍ଦ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତି ରେ ଯାଇ ମାଲ୍ୟାର୍ପଣ କରିଥିଲେ।ସେଠାରୁ ପଦଯାତ୍ରା ଆରମ୍ଭ ହୋଇ ଆଗକୁ ବଢିଥିଲା।ସ୍ଥାନୀୟ ମେହେର କବି ପଡ଼ା ସମ୍ମୁଖରେ ମେହେର ସମାଜ ପକ୍ଷରୁ ତୁଳସୀ ରାମ ମେହେର , ସୁରେନ୍ଦ୍ର ମେହେର ପ୍ରମୁଖ ଶ୍ରୀ ପଟ୍ଟନାୟକ ଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ



ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ପଦଯାତ୍ରୀ ଦଳ କଇରାଟିକ୍ରା ପାଖରେ ପହଂଚିବା ପରେ ପଡ଼ାବାସୀ ଙ୍କ ପକ୍ଷରୁ ମହିଳା ମାନେ ଶ୍ରୀ ପଟ୍ଟନାୟକ ଙ୍କୁ ସମ୍ବର୍ଦ୍ଧିତ କରିଥିଲେ।ପରେ ପରେ ଏହି ପଦଯାତ୍ରା ଗଙ୍ଗାଧର ମେହେରଙ୍କ ସମାଧି ପୀଠ ରେ ପହଂଚିଥିଲା। ସେଠାରେ ଶ୍ରୀ ପଟ୍ଟନାୟକ ପୁଷ୍ପମାଲ୍ୟ ପ୍ରଦାନ କରିବା ପରେ ଆଜିକାର ତଥା ବରଗଡ ଜିଲ୍ଲା ର ଭାରତ ଯୋଡୋ ଯାତ୍ରା ର ସମାପ୍ତି ଘଟିଥିଲା। ଏହାପରେ ପଦଯାତ୍ରୀ ଦଳ ବରଗଡ ଓ ସୋନପୁର ଜିଲ୍ଲା ସୀମା ଚିନାପୁରି ଠାରେ ଅବସ୍ଥାନ କରିଛି।ଆସନ୍ତା କାଲି ସକାଳେ ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ରୁ ପଦଯାତ୍ରା ଆରମ୍ଭ ହୋଇ ବଲାଙ୍ଗୀର ଜିଲ୍ଲା ଅଭିମୁଖେ ଯାତ୍ରା କରିବ।ଆଜିର ଏହି ପଦଯାତ୍ରା ରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଙ୍କ ସମେତ ଜିଲ୍ଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦ, କଟକ ଜିଲ୍ଲା କଂଗ୍ରେସ ସଭାପତି ତଥା ଏହି କାର୍ଯ୍ୟକ୍ରମ ର ବରଗଡ ଜିଲ୍ଲା ସଂଯୋଜକ ମାନସ ଚୌଧୁରୀ,କଂଗ୍ରେସ ନେତା ପ୍ରଦୀପ ଦେବତା, ନିପନ ଦାଶ , ପିସିସି ଅନୁସୂଚିତ ଜାତି ପ୍ରକୋଷ୍ଠ ମୁଖ୍ୟ ବାଙ୍କନିଧି ବେହେରା,ବରିଷ୍ଠ ନେତା ଗୌନ୍ତିଆ ସାହୁ, ଯୁଗଳ ପ୍ରସାଦ ସିଂ,ହରଦିପ ସିଂ, ସରୋଜ ଷଡ଼ଙ୍ଗୀ, ବ୍ରହ୍ମାନନ୍ଦ ମହାକୁଡ, ଶୁଭେନ୍ଦୁ ସାହୁ,ପାଣ୍ଡବ କର୍ଣ୍ଣ, ଦିଲୀପ ନନ୍ଦ,ରବି ପଣ୍ଡା, ମୋତିଲାଲ ଦାଶ,ପ୍ରତାପ ନାୟକ,ସୁଶିଲ ଭୋଇ, ଅନିଲ ଅଗ୍ରୱାଲ,ରମେଶ ପଣ୍ଡା, ଶ୍ରୀମତୀ ସୁଧାରାଣୀ ସାହୁ ,ପିସିସି ଗଣମାଧ୍ୟମ ପ୍ରକୋଷ୍ଠ ର ସଂଯୋଜକ ଦୀପକ ମହାପାତ୍ର ,ଜ୍ଞାନ ପଟ୍ଟନାୟକ,ଭାରତ ଯୋଡୋ ଯାତ୍ରା ର ସେବଦଳ ର ପ୍ରଭାରୀ କୁଳମଣି ସାହୁ,ଅଜୟ ମହାନ୍ତି, ନରୋତ୍ତମ ନାୟକ,ସଞ୍ଜୟ ତ୍ରିପାଠୀ, କୈଳାଶ ସାହୁ, ଅଖିଳ ଭାରତ କଂଗ୍ରେସ ସେବାଦଳ ର ପ୍ରଭାରୀ ତଥା ଛତିଶଗଡ ର ପୂର୍ବ ବିଧାୟକ ଚେନ୍ ସିଂ ସାମଲ,ଭୋକାଲି ସେଠୀ,ସାଗର ପରିଡ଼ା ପ୍ରମୁଖ ସାମିଲ ଥିଲେ।

### କୃଷି ଓ କୃଷକ ସଶକ୍ତିକରଣ ଏବଂ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର ମିଳିତ ବୈଠକ

# 'ସମନ୍ୱିତ କୃଷିକୁ ଅଧିକ ଗୁରୁତ୍ୱ ଦିଆଯାଉଛି'

**ଭୁବନେଶ୍ୱର, (ପିଏନ)-**ରାଜ୍ୟ ସରକାର ଚାଷୀମାନଙ୍କର ଆୟ ବୃଦ୍ଧିକୁ ସର୍ବଦା ପ୍ରାଥମିକତା ଦେଇ ଆସୁଥିବାବେଳେ କୃଷି ସହିତ ଆନୁଷଙ୍ଗିକ କୃଷି ଯୋଜନାଗୁଡ଼ିକୁ ସମ୍ମିଳିତ ଭାବେ କାର୍ଯ୍ୟକାରୀ କଲେ ଚାଷୀମାନଙ୍କର ରୋଜଗାର ବୃଦ୍ଧି ପାଇବ ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । କୃଷି ଭବନଠାରେ କୃଷି ଓ କୃଷକ ସଶକ୍ତିକରଣ ଏବଂ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶର ବିଭାଗର ପ୍ରମୁଖ ଶାସନ ସଚିବ, ନିର୍ଦ୍ଦେଶକ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ମିଳିତ ବୈଠକରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବିଭିନ୍ନ ଯୋଜନାର ଅଗ୍ରଗତି ସଂପର୍କରେ ସମୀକ୍ଷା କରି କହିଲେ ଯେ କୃଷି ବିଭାଗ ଏବଂ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗ ଦ୍ୱାରା ଚାଷୀଙ୍କୁ ସର୍ବାଧିକ ଲାଭ ଦେବା ଉଦ୍ଦେଶ୍ୟରେ ଅନେକଗୁଡ଼ିଏ ଯୋଜନା ଏକତ୍ର କାର୍ଯ୍ୟକାରି କରାଯାଉଛି । ଏହି ପରିପ୍ରେକ୍ଷୀରେ ମାସକୁ ଅନ୍ତତଃ ପକ୍ଷେ ଥରେ ଏହି ଦୁଇ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ସମେତ ବିଭାଗ ଅଧିନରେ ଥିବା ନିର୍ଦ୍ଦେଶାଳୟ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କର ଏକତ୍ର ବୈଠକ କରି ବିଭିନ୍ନ ଯୋଜନାର ଅଗ୍ରଗତି ସଂପର୍କରେ ସମୀକ୍ଷା କରାଯିବା ଆବଶ୍ୟକ । ଏହା ଦ୍ୱାରା କୃଷି ଉତ୍ପାଦନ ବୃଦ୍ଧି ହେବା ସହିତ ମତ୍ସ୍ୟ ଓ କୁକୁଡ଼ା ଚାଷ, ଗୋପାଳନ ଆଦି କ୍ଷେତ୍ରରେ ପ୍ରଭୂତ ବିକାଶ ସାଧିତ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ।

କୃଷି ସମେତ ଉଦ୍ୟାନ କୃଷି, ମତ୍ସ୍ୟ ଓ ପ୍ରାଣୀସଂପଦ କ୍ଷେତ୍ରରେ ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଉଦ୍ଦିଷ୍ଟ ହୋଇଥିବାବେଳେ ଏହା ଦ୍ୱାରା ଅନେକ କର୍ମସଂସ୍ଥାନ ସୃଷ୍ଟି ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାକୁ ଅଧିକ ପାରଦର୍ଶୀ କରିବା ନିମନ୍ତେ ଗୋ-ସୁଗମ ପୋର୍ଟାଲକୁ ତ୍ରୁଟିଶୂନ୍ୟ କରିବାକୁ ପଡ଼ିବ। ଏହା ଦ୍ୱାରା ପ୍ରକଳ୍ପଗୁଡ଼ିକର ଅଗ୍ରଗତି ଓ ସ୍ଥିତି ସଂପର୍କରେ ସହଜରେ ଜାଣିହେବ । ମୁଖ୍ୟମନ୍ତ୍ରୀଙ୍କ କୃଷି ଉଦ୍ୟୋଗ ଯୋଜନାରେ ଅଧିକରୁ ଅଧିକ ଉଦ୍ୟୋଗୀ ସୃଷ୍ଟି କରିବା ନିମନ୍ତେ ଦୁଇ ବିଭାଗର ଅଧିକ ସଂଖ୍ୟକ ମଡେଲ ଡିପିଆର୍ ଆପିକଲ ୱେବ୍‌ସାଇଟ୍‌ରେ ଉପଲବ୍ଧ କରାଇବା ସହିତ ଆଗ୍ରହୀ ଉଦ୍ୟୋଗୀମାନଙ୍କୁ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବା ନିମନ୍ତେ ସବୁ ପ୍ରକାରର ସହାୟତା ଯୋଗାଇଦେବା ଆବଶ୍ୟକ । ବୈଠକର ସୂଚନା ଅନୁଯାୟୀ ଚଳିତ ୨୦୨୨-୨୩ ବର୍ଷରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ୫୮୧ ଜଣ ଉଦ୍ୟୋଗୀଙ୍କୁ ମୋଟ ୪୪ କୋଟି ୭୯ ଲକ୍ଷ ଟଙ୍କା ସବ୍‌ସିଡି ଆକାରରେ ପ୍ରଦାନ କରାଯାଇଛି । ରାଜ୍ୟ ସରକାର ସମନ୍ୱିତ କୃଷିକୁ ପ୍ରୋତ୍ସାହନ ଦେଉଥିବା ପରିପ୍ରେକ୍ଷୀରେ ଚାଷୀ କୃଷି ସହିତ ଫଳ ଓ ପନିପରିବା ଚାଷ, ମାଛଚାଷ ଏବଂ କୁକୁଡ଼ା ପାଳନ କରିପାରିଲେ ଅଧିକ ଆୟ ହୋଇପାରିବ । ଏଥି ସହିତ ବୃଷ୍ଟିପୁଷ୍ଟ ଅଂଚଳରେ ସ୍ଥାନୀୟ ଜଳବାୟୁ ଓ ମୃତିକାକୁ ଦୃଷ୍ଟିରେ ରଖି ଚାଷ କାର୍ଯ୍ୟ ଓ ଆନୁଷଙ୍ଗିକ କୃଷି କାର୍ଯ୍ୟ କରିବା ଉପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱାରୋପ କରିଥିଲେ ।

ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଫାର୍ମପଣ୍ଡ(ପ୍ଲସ୍) ଯୋଜନା ଏବଂ ପ୍ରଧାନମନ୍ତ୍ରୀ କୃଷି ସିଂଚାଇ ଯୋଜନା ଓ ଜଳବିଭାଜିକା ଉନ୍ନୟନ ପ୍ରକଳ୍ପ ଅଧିନରେ କୃଷି ସହିତ ଆନୁଷଙ୍ଗିକ କୃଷି କାର୍ଯ୍ୟ କରାଯାଇ ଉତ୍ପାଦନ ବୃଦ୍ଧି ଓ ରୋଜଗାର ସୃଷ୍ଟି କରାଯାଇପାରିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ ।

ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସୁରେଶ କୁମାର ବଶିଷ୍ଠ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନାର ଅଗ୍ରଗତି ସଂପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ ।

ଘରଦୁଆରେ ପୁଷ୍ଟି ଯୋଜନାରେ ହିତାଧିକାରୀମାନଙ୍କୁ ଫଳଚାରା ଓ ପରିବା ମିନିକିଟ୍ ବଂଟନ କାର୍ଯ୍ୟ ଜାନୁଆରୀ ୨୬ ତାରିଖ ସୁଦ୍ଧା ଶେଷ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ କ୍ଷେତ୍ର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ସଂଜୀବ କୁମାର ଚଢ଼ାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଦ୍ୱାରା ପ୍ରସ୍ତୁତ 'କୃଷକମାନଙ୍କ ଆୟବୃଦ୍ଧି, ଓଡ଼ିଶା ରୋଡ଼୍‌ମ୍ୟାପ୍ ୨୦୩୦' ପୁସ୍ତିକାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଶୁଭ ଉନ୍ମୋଚନ କରିଥିଲେ ।

ବୈଠକରେ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ସଂଜୀବ କୁମାର ଚଢ଼ା, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ତଥା ଆପିକଲର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ପ୍ରେମଚନ୍ଦ୍ର ଚୌଧାରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ଶ୍ରୀ ରୋହିତ କୁମାର ଲେଙ୍କା, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ. ୟେଦୁଲ୍ଲା ବିଜୟ, ମତ୍ସ୍ୟ ନିର୍ଦ୍ଦେଶକ ଶ୍ରୀ ସ୍ମୃତି ରଞ୍ଜନ ପ୍ରଧାନ, ମୃତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶକ ଶ୍ରୀ ହେମନ୍ତ କୁମାର ପଣ୍ଡାଙ୍କ ସମେତ ସବୁ ଜିଲ୍ଲାର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ସିଡିଭିଓ, ଜିଲ୍ଲା ମତ୍ସ୍ୟ ଅଧିକାରୀ, ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ, ସହକାରୀ ଉପନିର୍ଦ୍ଦେଶକ ଏବଂ ଆପିକଲ ଡିଷ୍ଟ୍ରିକଫ ମ୍ୟାନେଜର ପ୍ରମୁଖ ଯୋଗଦେଇଥିଲେ ।

## ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ

**ଭଦ୍ରକ,(ପିଏନ)-** ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରିବା ସହ ମହିଳାମାନେ ଆତ୍ମନିର୍ଭରଶୀଳ ନିମି ଭିନ୍ନଭିନ୍ନ ଦିଗରେ ଦକ୍ଷତା ବିକାଶ ନିହାତି ଜରୁରୀ। ସରକାରୀ ଚାକିରୀ ପଛରେ ନ ଗୋଡ଼ାଇ ନିଜର ଅନ୍ତର୍ନିହିତ ଗୁଣରେ ବିକାଶ ହେଲେ ଶିକ୍ଷିତା ନାରୀମାନେ ସ୍ୱାବଲମ୍ବୀ ସହ ସ୍ୱାଭିମାନରେ ବ ି ପାରିବେ । ସ୍ୱେଚ୍ଛାସେବୀ ସଂସ୍ଥା "ଦି ହ୍ୟୁମାନ ରାଇଟ୍ସ ଫାଉଣ୍ଡେସନ" ଦ୍ୱାରା ଆୟୋଜିତ ଭଦ୍ରକ ମହିଳା ମହାବିଦ୍ୟାଳୟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ବକ୍ତାଗଣ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଅଧ୍ୟକ୍ଷା ସୁଚିତ୍ରା ପାଣିଗ୍ରାହୀଙ୍କର ଆଗ୍ରହ ପୂର୍ବକ, ପ୍ରାଧ୍ୟାପିକା ସୁପ୍ରୀତି କରଙ୍କର ସଭାପତିତ୍ୱରେ ଖାଦ୍ୟ ପ୍ରକ୍ରିୟାକରଣ ଏବଂ ସଂରକ୍ଷଣ ତାଲିମ୍ ଶିବିର ଉଦ୍‌ଘାଟିତ ହୋଇଯାଇଛି।

# ରାଜ୍ୟ ବିଦ୍ୟାଳୟ ସମୂହ ଯୋଗ ଓ ଚେସ୍ ପ୍ରତିଯୋଗିତା ଉଦ୍‌ଘାଟିତ

**ଭଦ୍ରକ, (ପିଏନ)-** ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ଯୋଗ ଓ ଚେସ୍ ପ୍ରତିଯୋଗିତା-୨୦୨୩ ଭଦ୍ରକ ଜିଲା ତିହିଡ଼ି ସ୍ଥିତ ସିଆରଏସ ହାଇସ୍କୁଲ ପରିସର ମଧ୍ୟରେ ରବିବାର ଉଦ୍‌ଘାଟିତ ହୋଇ ଯାଇଛି। ଏହି ପ୍ରତିଯୋଗିତାକୁ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ରଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଶ୍ରୀ ରାଉତରାୟ ଯୋଗ ଦେଇ ଯୋଗଶିକ୍ଷା ମାଧ୍ୟମରେ ପିଲାମାନଙ୍କର ଶାରୀରିକ ବିକାଶ ହେଉଥିବା ବେଳେ ଚେସ୍ ଖେଳ ପିଲାମାନଙ୍କର ବୌଦ୍ଧିକ ଶକ୍ତିକୁ ବୃଦ୍ଧିକରିବାରେ ସହାୟକ ହୋଇଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଶାରିରୀକ ସହକାରୀ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ପ୍ରଧାନ, ଜିଲାପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମାୟାଧର ସାହୁ, ପ୍ରଣୟ କୁମାର ନାୟକ, ବ୍ଲକ ଶିକ୍ଷାଧିକାରୀ ମଧୁସୂଦନ ସେଣ୍ଠ, ସିଆରଏସ ହାଇସ୍କୁଲ ପ୍ରଧାନ ଶିକ୍ଷକ ସମରେନ୍ଦ୍ର ନାଥ ମିଶ୍ର ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ହେଉଥିବା କ୍ରୀଡ଼ା ପ୍ରତିଯୋଗିତାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରତିନିଧି ବାପୁଜୀ ନାୟକ, ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ମହାସଚିବ ଚାରୁଲତା ମହାପାତ୍ର, ଓଷ୍ଟାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅକ୍ଷୟ କୁମାର ହେତା ଓ ଜିଲା ସମ୍ପାଦକ ପ୍ରଦୀପ ଦାସ, ମୟୁରଭଂଜ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଭାଗିରଥି ମଲିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ଅତିରିକ୍ତ ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଏପିଏସପିଏସ ହାଇସ୍କୁଲର ପ୍ରଧାନଶିକ୍ଷକ ଭକ୍ତବନ୍ଧୁ ପତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂଗୀତ ସାଧକ ବଙ୍କିମ ଚନ୍ଦ୍ର ନାୟକ ଓ ପ ାନନ ଦ ଙ୍କ ତ ୍ୱାବଧାନରେ ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଏହି ପ୍ରତିଯୋଗିତାରେ ୨୮ ଜିଲାରୁ ୫୭୧ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିବା ଜଣାପଡ଼ିଛି। ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ, ଅଧୀର କୁମାର ତରାଇ, କୈଳାସ ଚନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇଥିବା ବେଳେ ବିଭିନ୍ନ ଜିଲାର ପ୍ରଧାନ ଶିକ୍ଷକ, କ୍ରୀଡ଼ା ଶିକ୍ଷକ, କୋଚ୍ ଓ ମ୍ୟାନେଜର, ଗାଇଡମାନେ ଉପସ୍ଥିତ ଥିଲେ। ରାଜ୍ୟ ଓ ଜିଲା କ୍ରୀଡ଼ା ସଂଗଠନର ତ ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏହି ପ୍ରତିଯୋଗିତା ୨୪ ତାରିଖରେ ଉଦ୍‌ଯାପନ ହେବ ବୋଲି ଜଣା ପଡ଼ିଛି। ସିଆରଏସ ହାଇସ୍କୁଲର ପରିଚାଳନା କମିଟି ସଭାପତି ସୁଧାଂଶୁ ମାହନ୍ତଙ୍କ ସମେତ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷାକର୍ମଚାରୀ ଓ ସିଆରସିମାନେ ପ୍ରତିଯେଗିତା ପରିଚାଳନାରେ ସହଯୋଗ କରୁଛନ୍ତି।

# ଜୀବନବୀମା ଅଭିକର୍ତ୍ତା ସଙ୍ଘ କେନ୍ଦ୍ରାପଡା ଶାଖାର ସାଧାରଣ ପରିଷଦ ବୈଠକ

**କେନ୍ଦ୍ରାପଡ଼ା,(ପିଏନ) :** ଜୀବନବୀମା ଅଭିକର୍ତ୍ତା ସଙ୍ଘ କେନ୍ଦ୍ରାପଡା ଶାଖାର ସାଧାରଣ ପରିଷଦ ବୈଠକ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଘର ସଭାପତି ନାରାୟଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ସଙ୍ଘର କଟକ ମଣ୍ଡଳ ସଭାପତି ଦେବେନ୍ଦ୍ର କୁମାର ମୁଦୁଲି, ମୁଖ୍ୟବକ୍ତା ଭାବେ ମଣ୍ଡଳ ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର କୁମାର ମିଶ୍ର, ସମ୍ମାନୀତ ଅତିଥି ଭାବେ ପ୍ରାକ୍ତନ ମଣ୍ଡଳ ସଭାପତି ପ୍ରଦୀପ କୁମାର ମହାପାତ୍ର, ମଣ୍ଡଳ ଉପସଭାପତି ଭବାନୀଶଙ୍କର ମହାନ୍ତି, ନାରାୟଣ ସାହୁ ଓ ଜୟନ୍ତ କୁମାର ସାହୁ, ଯୁଗ୍ମସମ୍ପାଦକ ଭାଗବତ ସାହୁ,ସଞ୍ଜୀୟ କୁମାର ସ୍ୱାଇଁ, କ୍ଷୀରୋଦ କୁମାର ବେହେରା, ପ୍ରଫୁଲ୍ଲ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ସଂଗଠନକୁ କ୍ରୀୟାଶୀଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏଥିସହିତ ସମସ୍ତେ ଏକତ୍ରିତ ହୋଇ ସଙ୍ଘ ପାଇଁ ଲଢେଇ କରିବାକୁ




ଆହ୍ୱାନ ଦେଇଥିଲେ। ଜୀବନବୀମା ଅଭିକର୍ତ୍ତାମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସଙ୍ଘ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ମଧ୍ୟ ଆଲୋକପାତ କରିଥିଲେ। କେନ୍ଦ୍ରାପଡା ଶାଖା ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ଭଗତ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପ୍ରାକ୍ତନ ମଣ୍ଡଳ ସଭାପତି ପ୍ରଦୀପ କୁମାର ମହାପାତ୍ରଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ କେନ୍ଦ୍ରାପଡା ଶାଖାର ବରିଷ୍ଠ ଅଭିକର୍ତ୍ତା ରାସବିହାରୀ ଧଳ, ନିରଞ୍ଜନ ପ୍ରଧାନ, ବିଜୟ କୁମାର ଆଚାର୍ଯ୍ୟ, ରାଜକିଶୋର ପ୍ରଧାନ, ମନୋରଞ୍ଜନ ରଥ, ଛବିଳ କୁମାର ପାଇଟାଳ, ବିଭୁତିଭୂଷଣ ପାଣି, ଶ୍ରୀଧର କୁମାର ନାଥ, ପ୍ରଶାନ୍ତ କୁମାର ରାଉତ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ନୂ୍ୟଷ୍ଟାର ଡ୍ୟାନ୍ସ ଏକାଡେମୀର କଳାକାରମାନେ ସ୍ୱାଗତ ନୃତ୍ୟସଂଗୀତ ପରିବେଷଣ କରିଥିଲେ। ଶୈଳଜାଶଙ୍କର ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ଶରତ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଜୀବନବୀମା ଅଭିକର୍ତ୍ତା ସଙ୍ଘର କେନ୍ଦ୍ରାପଡା ଶାଖାର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ନିର୍ବାଚନ ଅଧିକାରୀ ଭାବେ ପ୍ରଫୁଲ୍ଲ କୁମାର ପଣ୍ଡା ଓ ସହକାରୀ ନିର୍ବାଚନ ଅଧିକାରୀ ଭାବେ ନାରାୟଣ ସାହୁ ଯୋଗଦେଇ ନବ ନିର୍ବାଚିତ କେନ୍ଦ୍ରାପଡା ଶାଖାର ସଭାପତି ଭାବେ ନାରାୟଣ ଜେନା, ଉପସଭାପତି ଭାବେ ଅକ୍ଷୟ କୁମାର ସାହୁ, ଶୈଳଜାଶଙ୍କର ସାମଲ ଓ ଜୀତେନ୍ଦ୍ର କୁମାର ମହାନ୍ତି, ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ଭଗତ, ସାଂଗଠନିକ ସମ୍ପାଦକ ପ୍ରଶାନ୍ତ କୁମାର ରାଉତ, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ପ୍ରଧାନ, ଯୁଗ୍ମ ସମ୍ପାଦକ ଭାବେ ଫକିର କୁମାର ଖୁଣ୍ଟିଆ ଓ ଶରତ କୁମାର ପ୍ରଧାନଙ୍କ ନାମ ଘୋଷଣା କରିବା ସହ ସେମାନଙ୍କୁ ଶପଥ ପାଠ କରାଇଥିଲେ।




# ୫୩ ନମ୍ବର ଜାତୀୟ ରାଜପଥରେ ଜଳିଗଲା ଟାଭେରା କାର



ଦର୍ପଣ,( ପିଏନ ):୫୩ ନମ୍ବର ଜାତୀୟ ରାଜପଥର ବଡ଼ଚଣା ନିକଟରେ ସୋମବାର ଏକ ଟାଭେରା କାରରେ ନିଆଁ ଲାଗିଯିବାରୁ ଘଟଣା ସ୍ଥଳରେ କାରଟି ସମ୍ପୂର୍ଣ୍ଣ ପୋଡିଯାଇଥିଲା ଓ ସୌଭାଗ୍ୟ କ୍ରମେ କାର ଚାଳକଙ୍କର କିଛି ହୋଇନଥିଲା। ଘଟଣାରୁ ପ୍ରକାଶଯେ ସୋମବାର ପ୍ରକାଶ ପାଣିଗ୍ରାହୀ ନାମକ ଜଣେ ବ୍ୟକ୍ତି ଓଆର୦୨ବିଭି ନମ୍ବର ଥିବା ଏକ ଟାଭେରାରେ କଟକରୁ ଚଣ୍ଡିଖୋଲ ଅଭିମୁଖେ ଆସୁଥିବା ସମୟରେ ବଡ଼ଚଣା ଓଭରବ୍ରିଜ ପାର ହେଉଥିବା ସମୟରେ ହଠାତ କାରଟି ଜଳିବାକୁ ଲାଗିଥିଲା। ସଂଗେସଂଗେ ସେ କୌଶଳେ କ୍ରମେ ଗାଡ଼ିଟିକୁ ଜାତୀୟରାଜପଥ କଡରେ ରଖି ନିକଟରେ ଥିବା ଚଣ୍ଡିଖୋଲ ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ.ଅଗ୍ନିଶମ କେନ୍ଦ୍ରର ଅଧିକାରୀ ରମାକାନ୍ତ ମୁଦୁଲି ଓ ତାଙ୍କ କର୍ମଚାରୀ ଗାଡି ନିକଟରେ ପହଂଚି ନିଆଁକୁ ଆୟତ୍ତ କରିଥିଲେ ମାତ୍ର ସେତେବେଳକୁ ଗାଡିଟି ସମ୍ପୂର୍ଣ୍ଣ ଭାବେ ଜଳିଯାଇଥିଲା। ଗାଡିର ବ୍ୟାଟେରୀରୁ ସଟସର୍କିଟ ଯୋଗୁ ଗାଡିଟି ଜଳିଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି।

# ହିନ୍ଦୀ ଭାଷାର ବିକାଶ ପାଇଁ ବକ୍ତୃତା ପ୍ରତିଯୋଗୀତା

ବଲାଙ୍ଗିର,(ପି.ଏନ): ସ୍ଥାନୀୟ ରାମଗୋପାଳ ହିନ୍ଦି ହାଇସ୍କୁଲରେ ଜିଲ୍ଲା ସ୍ତରୀୟ ହିନ୍ଦୀ ଭାଷାର ବିକାଶ ପାଇଁ ହିନ୍ଦୀ ବକ୍ତୃତା ପ୍ରତିଯୋଗୀତା ସନ୍ତୋଷ ଅଗ୍ରୱାଲାଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ହିନ୍ଦୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଶାନ୍ତ ନାୟକ ସଭାପତିତ୍ୱ ଓ କାର୍ଯ୍ୟକ୍ରମରେ ପ୍ରତିଯୋଗିତାର ବିଚାରକ ଭାବେ ସାମ୍ବାଦିକ ପବନ ଅଗ୍ରୱାଲା, ସମାଜସେବୀ ରୀନା ଗୋୟଲ ଓ ଅବସରପ୍ରାପ୍ତ ଶିକ୍ଷକ ରଘୁନାଥ ମିଶ୍ର ଯୋଗ ଦେଇଥିଲେ । ବଲାଙ୍ଗିର ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ଯୋଗଦେଇ ପ୍ରତିଯୋଗୀତାରେ ଭାଗ ନେଇଥିଲେ । ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା କୃତି ପ୍ରତିଯୋଗୀମାନଙ୍କୁ ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସରେ ପୁରସ୍କୃତ କରାଯିବ ।କାର୍ଯ୍ୟକ୍ରମକୁ ପୃଥ୍ୱୀରାଜ ହାଇସ୍କୁଲର ହିନ୍ଦୀ ଶିକ୍ଷକ ଅମିତ ବାଗ ପରିଚାଳନା କରିଥିଲେ । ବିଦ୍ୟାଳୟର ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ ।

# ପରିବହନ କର୍ମଚାରୀ ନେତା ଉପେନ୍ଦ୍ର ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧ ଦିବସ ପାଳିତ




ବ୍ରହ୍ମପୁର,(ପି.ଏନ): ଓଡ଼ିଶା ରାଜ୍ୟ ପରିବହନ କର୍ମଚାରୀ ସଂଘର ବିଶିଷ୍ଟ ନେତା ତଥା ନାଟ୍ୟକାର ଉପେନ୍ଦ୍ର ମିଶ୍ର (କୁନି)ଙ୍କ ବଡ଼ଖେମୁଣ୍ଡି ସାହିସ୍ଥିତ ତାଙ୍କ ବାସଭବନର ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କାଯର୍ୟକ୍ରମର ହିନ୍ଦ ମଜଦୁର ସଭାର ରାଜ୍ୟ ଉପସଭାପତି ରବି ରଥ, ଏସବିଆଇ ଅଫିସରର୍ସ ସଂଘର ପୂର୍ବତନ କର୍ମକର୍ତ୍ତା ରାମଚନ୍ଦ୍ର ମହାପାତ୍ର, ଅବସରପ୍ରାପ୍ତ ବ୍ରହ୍ମପୁର ଏମ୍ପ୍ଲୋଇମେଣ୍ଟ ଏକ୍ସଚେଞ୍ଜର ଉପ ନିର୍ଦ୍ଦେଶକ ସଞ୍ଜିବ ମହାପାତ୍ର, ମନୋଜ କୁମାର ପାତ୍ର, ଆରତୀ ପାତ୍ର, ବ୍ରହ୍ମପୁର ବ୍ରେଲ ପ୍ରେସର ମ୍ୟାନେଜର ପ୍ରକାଶ ନାରାୟଣ ରଥଙ୍କ ସମେତ ବିଭିନ୍ନ କର୍ମଚାରୀ ସଂଘ ନେତାମାନେ ଉପସ୍ଥିତ ରହି ତାଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରି ଗଭୀର ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ତାଙ୍କ ପୁତ୍ର ଶିଶିର କୁମାର ମିଶ୍ର କାଯର୍ୟକ୍ରମ ଆୟୋଜନ କରିଥିଲେ ।

# ସମ୍ମିଳିତ କର୍ମଜୀବି ସାମ୍ବାଦିକ ସଂଘର ରାଜ୍ୟସ୍ତରୀୟ ବାର୍ଷିକ ଉତ୍ସବ

## ଭୂମିହୀନ ସାମ୍ବାଦିକଙ୍କୁ ମିଳିବ ଜମି:ଜିଲ୍ଲାପାଳ

ଭୁବନେଶ୍ୱର,(ପି.ଏନ):ସମ୍ମିଳିତ କର୍ମଜୀବି ସାମ୍ବାଦିକ ସଂଘ ଅଷ୍ଟମ ରାଜ୍ୟସ୍ତରୀୟ ବାର୍ଷିକ ଉତ୍ସବ ଖୋର୍ଦ୍ଧା ଜୟୀରାଜଗୁରୁ ଭବନ (ଟାଉନ ହଲ) ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ପ୍ରକାଶ କୁମାର ହାତୀଙ୍କ ସଭାପତିତ୍ୱରେ ପ୍ରତିଷ୍ଠାତା ସମ୍ପାଦକ ଲଳିତ ମୋହନ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତି ଯୋଗ ଦେଇ ଜିଲ୍ଲାରେ ଥିବା ଭୂମିହୀନ ଗଣମାଧ୍ୟମ ପ୍ରତିନିଧିଙ୍କୁ ଜମି ଯୋଗାଇ ଦେବା ପାଇଁ ପ୍ରଚେଷ୍ଟା ଜାରି ରହିବ ବୋଲି ବକ୍ତବ୍ୟ ରଖିଥିଲେ। ଏହା ଛଡ଼ା ଗଣ ମାଧ୍ୟମ ହେଉଛନ୍ତି ପ୍ରଶାସନ, ଜନସାଧାରଣ ଏବଂ ସରକାରଙ୍କର ଏକ ମାଧ୍ୟମ। ଗଣମାଧ୍ୟମ ଠାରୁ ସରକାର ଏବଂ ପ୍ରଶାସନ ଅଧିକାରୀ ବିଭିନ୍ନ ତଥ୍ୟ ପାଇଥାନ୍ତି। ଯେଉଁଥି ପାଇଁ ସରକାରଙ୍କ ବିଭିନ୍ନ ଯୋଜନାକୁ ସଫଳ ରୂପାୟନରେ ପରିପୂରଣ ହୋଇପାରିଥାଏ ବୋଲି ଜିଲ୍ଲାପାଳ ତାଙ୍କ ବକ୍ତବ୍ୟରେ କହିଥିଲେ। ଅନ୍ୟତମ ଅତିଥି ଭାବରେ ସ୍ଥାନୀୟ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଗଣମାଧ୍ୟମର ଭୂମିକା ଉପରେ ଗୁରତ୍ୱ ଆରୋପ କରିବା ସହିତ ଗଣ ମଧ୍ୟମ ହେଉଛନ୍ତି ସମାଜର ଜାଗ୍ରତ ପ୍ରହରୀ। ଏକ ସୁସ୍ଥ ସମାଜ ଗଠନ କରିବାରେ ଗଣମାଧ୍ୟମର ଭୂମିକା ଅତୁଳନୀୟ ବୋଲି ଶ୍ରୀ ମିତ୍ର ତାଙ୍କ ବକ୍ତବ୍ୟରେ କହିଥିଲେ। ଗଣମାଧ୍ୟମ ନଥିଲେ ନା ସରକାର, ନା ପ୍ରଶାସନ କେହିବି ଆଗକୁ ବଢି ପାରିବେ ନାହିଁ କିମ୍ବା ଏକ ସୁସ୍ଥ ସମାଜ ଗଠନ ହୋଇ ପାରିବ ନାହିଁ ବୋଲି ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ। ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ବିଜୁ ମହିଳା ଜନତା ଦଳର ରାଜ୍ୟ ବରିଷ୍ଠ ଉପସଭାପତି ଶ୍ରୀମତୀ ବାସନ୍ତୀ ମହାପାତ୍ର ଗଣମାଧ୍ୟମଙ୍କୁ ଭୂୟସି ପ୍ରଶଂସା କରିବା ସହିତ ସେମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଶେଷ କରି ସ୍ୱାସ୍ଥ୍ୟ ବୀମା ରାଶିଙ୍କୁ ବଢାଇବା, ଭୂମିହୀନ ସାମ୍ବାଦିକଙ୍କୁ ଜମି ପଟ୍ଟା ଯୋଗାଇବା, ସାମ୍ବାଦିକ ସୁରକ୍ଷା ନିମନ୍ତେ ଆଇନ ପ୍ରଣୟନ କରିବା ଏବଂ ବିଶେଷ କରି ସାମ୍ବାଦିକମାନଙ୍କର ପେନସନ୍ ଯୋଜନା ଲାଗୁ କରାଇବା ପାଇଁ ସରକାରଙ୍କ ନିକଟରେ ଦୃଷ୍ଟି ଆକର୍ଷଣ କରି ଯଥା ଶୀଘ୍ର ସମାଧାନର ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଗଣମାଧ୍ୟମ ସରକାର ଏବଂ ସାଧାରଣ ଜନତା ଉଭୟଙ୍କ ମଧ୍ୟରେ ପରିପୂରକ। ରାଷ୍ଟ୍ର ଗଠନରେ, ସୁସ୍ଥ ସମାଜ ଗଠନରେ ଗଣମାଧ୍ୟମର ପ୍ରତିନିଧିଙ୍କ ଭୂମିକା ଅତୁଳନୀୟ ବୋଲି ଶ୍ରୀମତୀ ମହାପାତ୍ର କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରାଧ୍ୟକ୍ଷା ଶ୍ରୀମତୀ କନକ ଲକ୍ଷ୍ମୀ ମହାନ୍ତି, ଉପଧ୍ୟକ୍ଷ ସୌର୍ଯ୍ୟ ରଂଜନ ମହାନ୍ତି, ପୂର୍ବତନ ବିଧାୟକ ଡ଼. ଦିଲ୍ଲୀପ ଶ୍ରୀଚନ୍ଦନ, ରାଷ୍ଟ୍ରୀୟ ସଭାପତି ପିତବାସ ମିଶ୍ର, ରାଜ୍ୟ ସଭାପତି ଭାଗବତ ତ୍ରିପାଠୀ, ରାଜ୍ୟ ସାଧାରଣ ସଭାପତି ତପନ ମହାରଣ୍ୟ ଶର୍ମା, ରାଜ୍ୟ ଉପସଭାପତି ଅର୍ଜୁନ ମୁଦୁଲି, ମଂଚାସିନ ଥିଲା ବେଳେ ଜିଲ୍ଲା ସମ୍ପାଦକ ଦିଲ୍ଲୀପ କୁମାର ପଟ୍ଟନାୟକ, ବିବରଣୀ ପାଠ କରିଥିଲେ। ଆଶିଷ ମହାନ୍ତିଙ୍କ ପ୍ରମୁଖ ସହଯୋଗରେ, ପୌର ପରିଷଦର କାଉନସିଲର ପ୍ରଦ୍ୟୁମ୍ନ ମିଶ୍ର, ନାଗଭୂଷଣ ଜେନା, ସୁଶାନ୍ତ କୁମାର ଜେନା, ଅମୀୟ ମହାନ୍ତି, ବିଦୁଲତା ସାହୁ, ଟୁଟୁ ବଳିଆରସିଂହ, ଅଜିତ୍ ମହାପାତ୍ର, ପ୍ରବୀଣା ଜଗଦ୍ଦେବ, ଫାରିନା ଆଜମ, ସୃଷ୍ଟି ମାଝୀ, କମଳ କୁମାର ପ୍ରଧାନ, ଶିକ୍ଷାବିତ୍ ରାମଶଙ୍କର ପରିଡ଼ା, ବରିଷ୍ଠ ନାଗରିକ ଜ୍ଞାନରଂଜନ ଦାଶ, ବୈକୁଣ୍ଠ ନାଥ ମହାପାତ୍ର, ଐତିହାସିକ ସତ୍ୟବାଦୀ ବଳିଆରସିଂହ, କଳିଙ୍ଗ ପାଇକ ସଂଗଠନର ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ବରିଷ୍ଠ ଆଇନଜୀବି ଶିଶିର କୁମାର ପରିଡ଼ା ପ୍ରମୁଖ ଶତାଧିକ ଗଣମାଧ୍ୟମ ପ୍ରେମୀ ଉପସ୍ଥିତ ଥିବା ବେଳେ ସଂଘର ବରିଷ୍ଠ ସଦସ୍ୟ ଶୁଭ୍ରାଂଶୁ ସାମନ୍ତରାୟ, ପ୍ରଭାତ ପାଣିଗ୍ରାହୀ, ରଞ୍ଜିତ କେ.ଏନ. ସାମନ୍ତରାୟ, ସନ୍ତୋଷ ବାରିକ, ପ୍ରଶାନ୍ତ ସାହୁ, ତୋଫାନ ନାୟକ, ପ୍ରଶାନ୍ତ ସାହୁ, ସମରେନ୍ଦ୍ର ସାମନ୍ତରାୟ, ସୂର୍ଯ୍ୟନାରାୟଣ ମହାନ୍ତି, ଈଶ୍ୱର ଚନ୍ଦ୍ର ମଙ୍ଗରାଜ, ବାଲାଜୀ ପାତ୍ର, ରଞ୍ଜିତ ପାଟଶାଣୀ, ସୟଦ ଲିୟାକତ ଅଲ୍ଲୀ, ମହମ୍ମଦ ମୋତାହାର ୟୁସୁଫ, ଲକ୍ଷ୍ମୀଧର ସାହୁ, ପ୍ରବୀଣ ଭଞ୍ଜ, ସେକ୍ ଆଶାଦୁଲ ହକ୍, ସଂଜୟ କର, ସୁବ୍ରତ ରଣା, ଗୋବିନ୍ଦ ପଣ୍ଡା, କୃଷ୍ଣଚନ୍ଦ୍ର ଦାଶ, ମୀନକେତନ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।

# ମାଥିଲି ଉପଖଣ୍ଡ ଚିକିତ୍ସାଳୟରେ ବହୁ ଡାକ୍ତର ପଦବୀ ଖାଲି, ରୋଗୀସେବା ବ୍ୟାହତ

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲା ମାଥିଲି ଉପଖଣ୍ଡ ଚିକିତ୍ସାଳୟରେ ଦୀର୍ଘବର୍ଷ ଧରି ନିଯୁକ୍ତି ହୋଇନାହାନ୍ତି ବିଶେଷଜ୍ଞ ଡାକ୍ତର। ଚିକିତ୍ସାଳୟରେ ଦିନକୁ ଦିନ ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଚିକିତ୍ସାଳୟକୁ ୨୦୧୭ - ୨୦୧୮ ମସିହାରେ ଉପଖଣ୍ଡ ଚିକିତ୍ସାଳୟ ଭାବେ ଘୋଷଣା କରାଯାଇଥିଲା । କିନ୍ତୁ, ଦୀର୍ଘ ୨ ବର୍ଷ ପରେ ଅର୍ଥାତ ଗତ ୨୦୨୧ ମସିହାରେ ହିଁ ଏହା ଉପଖଣ୍ଡ ଚିକିତ୍ସାଳୟ ଭାବେ ମାନ୍ୟତା ପାଇଲା ।ସୂଚନାଯୋଗ୍ୟ ଯେ, ମାଥିଲି ଉପଖଣ୍ଡ ଚିକିତ୍ସାଳୟରେ ମୋଟ ୧୯ ଜଣ ଡାକ୍ତର ପଦ ରହିଥିବା ବେଳେ ଏବେ ମାତ୍ର ୬ ଜଣ ଏମବିବିଏସ୍ ଡାକ୍ତର ଥିବା ଜଣାଯାଇଛି । ଏହା ସହ ସ୍ୱତନ୍ତ୍ର ପାଣ୍ଠିରୁ ଚୁକ୍ତିଭିତିକ ଭାବରେ ଡାକ୍ତର ଦେବୀ ପ୍ରସାଦ ସାହୁ ( ସର୍ଜରୀ )ଙ୍କୁ ନିଯୁକ୍ତି ଦିଆଯାଇଥିଲା । କିନ୍ତୁ, ତାଙ୍କର ଚୁକ୍ତି ପୂରଣ ହେବା ପରେ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାଙ୍କର ପୁନଃ ନିଯୁକ୍ତି କରାଗଲା ନାହିଁ । ତାଙ୍କର ଚୁକ୍ତି ଶେଷ କରି ବିଦାୟ ନେବା ସମୟରେ ଅଂଚଳର ବହୁ ମହିଳା ଓ ବୁଦ୍ଧିଜୀବୀ ଏହାର ପ୍ରତିବାଦ ମଧ୍ୟ କରିଥିଲେ ।

# କଂଗ୍ରେସ ପକ୍ଷରୁ ହାତ୍ ସେ ହାତ୍ ଯୋଡ଼ ପାଇଁ କିଷାନ କଂଗ୍ରେସର ଜିଲ୍ଲା ପର୍ଯ୍ୟବେକ୍ଷକ ନିଯୁକ୍ତି

ଭୁବନେଶ୍ୱର, (ପି.ଏନ): ଅଖିଳ ଭାରତ କଂଗ୍ରେସ କମିଟି ନିଷ୍ପତ୍ତି ଅନୁଯାୟୀ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶାରେ ହାତ୍ ସେ ହାତ୍ ଯୋଡ଼ କାର୍ଯ୍ୟକ୍ରମ ଚଳିତ ଜାନୁୟାରୀ–୨୬ଠାରୁ ଶୁଭାରମ୍ଭ ହୋଇ ଦୁଇମାସ ପର୍ଯ୍ୟନ୍ତ ଚାଲୁ ରହିବ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା, ବ୍ଲକ କଂଗ୍ରେସ କମିଟି ସଭାପତି ଓ ପିସିସି ପକ୍ଷରୁ ନିଯୁକ୍ତ ପର୍ଯ୍ୟବେକ୍ଷକମାନଙ୍କ ସହିତ ସଠିକ ସମନ୍ୱୟ ରକ୍ଷାକରି ଏହାକୁ ସଫଳ କରିବା ପାଇଁ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ୩୦ଟି ଜିଲ୍ଲା ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତି କରିଛନ୍ତି। ଜିଲ୍ଲା ପର୍ଯ୍ୟବେକ୍ଷକମାନେ ସେମାନଙ୍କ ଉପରେ ନ୍ୟସ୍ତ ଥିବା ଜିଲ୍ଲାଗୁଡ଼ିକୁ ଗସ୍ତ କରି ବ୍ଲକ, ଗ୍ରାମ ପଞ୍ଚାୟତ, ଜିଲ୍ଲା ପରିଷଦ ଜୋନ୍ ଓ ପ୍ରତି ବୁଥ୍ ସ୍ତରରେ ଥିବା କୃଷକ, କୃଷିଜୀବି ମହିଳା ଓ କୃଷି ଶ୍ରମିକମାନେ କିଭଳି ଭାବରେ ଅଧିକରୁ ଅଧିକ ସଂଖ୍ୟାରେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ କଂଗ୍ରେସ ଦଳର ବାର୍ତ୍ତାକୁ ତୃଣମୂଳ ସ୍ତରରେ ପହଞ୍ଚାଇ ପାରିବେ ଅଧ୍ୟକ୍ଷ ଶ୍ରୀଯୁକ୍ତ ପଟ୍ଟନାୟକ ଏକ ପତ୍ର ଦ୍ୱାରା ସେମାନଙ୍କୁ ଅନୁରୋଧ କରିଛନ୍ତି। ପ୍ରସ୍ତୁତ ନାମ ତାଲିକାଟିକୁ ପିସିସି ସଭାପତିଙ୍କ ଅବଗତ ପାଇଁ ପଠାଯାଇଛି।

# ଡିଏଭି କଳିଙ୍ଗନଗର ପରିସରରେପରାକ୍ରମ ଦିବସ ପାଳିତ




ଭୁବନେଶ୍ୱର,(ପି.ଏନ): ଡିଏଭି କଳିଙ୍ଗନଗରରେ ପରାକ୍ରମ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ବିପିନ କୁମାର ସାହୁ ଦୁଇ ମହାନ ସ୍ୱାଧୀନତା ସଂଗ୍ରାମୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମଜୟ'ୀ ଅବସରରେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଦୁଇ ଦେଶଭକ୍ତଙ୍କ ଜୀବନାଦର୍ଶରେ ଅନୁପ୍ରେରିତ ହୋଇ ରାଷ୍ଟ୍ରକାର୍ଯ୍ୟରେ ସମର୍ପିତ ମନୋଭାବ ପୋଷଣକରିବାକୁ ସେ ଯୁବପିଢୀଙ୍କୁ ଆହ୍ୱାନ କରିଥିଲେ ।ଶିକ୍ଷକଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀମାନେ ଦୁଇ ମହାନ ନେତାଙ୍କ ଜୀବନୀକୁ କବିତା ଆବୃତ୍ତି ଓ ଅଭିଭାଷଣ ମାଧ୍ୟମରେ ବ୍ୟକ୍ତ କରିଥିଲେ ।ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମଧ୍ୟ ସମବେତ ସଙ୍ଗୀତ, ନୃତ୍ୟ ପରିବେଷଣ, ବାଦ୍ୟଯନ୍ତ୍ର ମାଧ୍ୟମରେ ଦେଶାତ୍ମବୋଧକ ଗୀତର ଧୁନ୍ ପରିବେଷଣ କରାଯାଇଥିଲା । ପରିଶେଷରେ କୃତୀ ଛାତ୍ରଛାତ୍ରୀମାନେ ପୁରସ୍କୃତ ହୋଇଥିଲେ । ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ଅଧ୍ୟକ୍ଷଙ୍କ ସମେତ ଶିକ୍ଷକଶିକ୍ଷୟିତ୍ରୀମାନେ ସୁନ୍ଦରପଦାସ୍ଥିତ 'ପିପୁଲ ଫର୍ ସେବା' ବୃଦ୍ଧାଶ୍ରମକୁ ଯାଇଥିଲେ । ସେଠାରେ ଥିବା ଅନ୍ତେବାସୀଙ୍କ ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଳାପ କରିବା ସହିତ ସେମାନଙ୍କୁ ଚୂଡ଼ା, ଚାଉଳ, ଗୁଡ଼, ବିସ୍କୁଟ, ଆଦି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ବାର୍ଣ୍ଟିଥିଲେ । ସମସ୍ତଙ୍କ ସହଯୋଗରେ ଇଂରାଜୀ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମଟି ସୁଚାରୁରୂପେ ସମ୍ପାଦିତ ହୋଇଥିଲା ।

# ଡିଏଭି ପୋଖରୀପୁଟରେ ପରାକ୍ରମ ଦିବସ ପାଳିତ




ଭୁବନେଶ୍ୱର ,(ପି.ଏନ): ଡିଏଭି ପୋଖରୀପୁଟରେ ଦୁଇ ମହାନ୍ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟ'ୀ ପାଳିତ ହୋଇଯାଇଛି । ବେଦମନ୍ତ୍ର ପରେ ମୁଖ୍ୟଅତିଥି ବିଶିଷ୍ଟ ଲେଖିକା ମନସ୍ୱିନୀ ଦାସ ଓ ବିଦ୍ୟାଳୟର ସମସ୍ତ ନିରୀକ୍ଷିକା ଓ ନିରୀକ୍ଷକ ପ୍ରଦୀପ ପ୍ରଜ୍ୱଳନପୂର୍ବକ ଦୁଇ ମହାନ୍ ଜନନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଭକ୍ତି ସୁମନ ଅର୍ପଣ କରିଥିଲେ । ମୁଖ୍ୟ ଅତିଥି ନିଜର ଅଭିଭାଷଣରେ ସେମାନଙ୍କ ତ୍ୟାଗ, ଦେଶଭକ୍ତି, ଆତ୍ମବଳିଦାନ ନିଜର ସ୍ମୃତିପଟରେ ରଖି ତାଙ୍କ ଆଦର୍ଶରେ ଅନୁଗାମୀ ହେବାକୁ ବିଦ୍ୟାର୍ଥୀମାନଙ୍କୁ ଆହ୍ୱାନ ଦେଇଥିଲେ । ନେତାଜୀ ସୁଭାଷ ଓ ବୀର ସୁରେନ୍ଦ୍ର ସାଏଙ୍କ ସରଳ ଜୀବନଯାପନ ତଥା ଦୃଢ଼ ଆତ୍ମବିଶ୍ୱାସ ଆମ ସମସ୍ତଙ୍କ ପାଇଁ ଅନୁକରଣୀୟ ବୋଲି କହିଥିଲେ । ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷା ଡ. ସୁଜାତା ସାହୁ ନିଜ ଦେଶ ଜାତିକୁ ଭଲ ପାଇବା ଶିଖିଲେ ଦେଶପାଇଁ କର୍ମ କରିବାକୁ ଶକ୍ତି ମିଳିବ ବୋଲି ନିଜର ବାର୍ତ୍ତା ପ୍ରେରଣ କରିଥିଲେ । ନେତାଜୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ ହେରିଟେଜ୍ କ୍ଲବର ସମ୍ପାଦିକା ଶିବାଙ୍ଗୀ ସ୍ୱୟମ୍ସିଦ୍ଧା ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୀବନାଦର୍ଶ ଉପରେ ବକ୍ତବ୍ୟ ରଖିଥିଲେ ସାଇବର କ୍ଲବର ସମ୍ପାଦକ ଅର୍ପିତ କୁମାର ପଟ୍ଟନାୟକ । ଏହି ଅବସରରେ ଉଭୟ ସଂଗ୍ରାମୀଙ୍କ ଉପରେ ଆଧାରିତ ଏକ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ମାଷ୍ଟର ରଚିତ ଆର୍ଯ୍ୟାନ ଆସ୍ଥାନା ଚାରି ସଦନ ଭକ୍ତି, ସ୍ତୁତି, ଶ୍ଳୋକ ଓ ମନ୍ତ୍ରର ପ୍ରତିଭାଧାରୀ ବିଦ୍ୟାର୍ଥୀଙ୍କୁ ନେଇ କୁଇଜ୍‌କୁ ପରିଚାଳନା କରିଥିଲେ । ଯେଉଁଥିରେ ମନ୍ତ୍ରସଦନର ବିଦ୍ୟାର୍ଥୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସ୍ତୁତି ସଦନର ବିଦ୍ୟାର୍ଥୀ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ସଫଳତା ଅର୍ଜନ କରିଥିବା କୃତି ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ଦ୍ୱାରା ସୁଲଳିତ କଣ୍ଠର ସମୂହ ଗାନ ଓ ଚିତ୍ତାକର୍ଷକ ନୃତ୍ୟାଭିନୟକୁ ସମସ୍ତେ ମନଭରି ଉପଭୋଗ କରିଥିଲେ । ପରିଶେଷରେ ଶିକ୍ଷକ ଶଶାଙ୍କ କୁମାର ପ୍ରଧାନ ଓ ଶିକ୍ଷୟିତ୍ରୀ କବିତାରାଣୀ ଖାରସେଲ୍ ଧନ୍ୟବାଦ ଅର୍ପଣ କରିଥିଲେ ।




**2023-2024**

**ADMISSION OPEN**

**Maharishi Public School, Baripada**

**STD-NURSERY TO VIII**

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




ପର୍ଯ୍ୟବେକ୍ଷକ
PARYABEKHYAK





Bhubaneswar Tuesday January 24, 2023 ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୨୪,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଆଜି ଶେଷ ଦିନିକିଆ: ଶୃଙ୍ଖଳା ମୂଳପୋଛ କରିବା ଲକ୍ଷ୍ୟରେ ଭାରତ

**ନୂଆଦିଲ୍ଲୀ:** ପ୍ରଥମ ଦୁଇଟି ମ୍ୟାଚ୍ ଜିତି ଉତ୍ସାହିତ ଭାରତୀୟ ଦଳ ମଙ୍ଗଳବାର ନ୍ୟୁଜିଲାଣ୍ଡ ବିପକ୍ଷରେ ତୃତୀୟ ଦିନିକିଆ ଖେଳିବ। ଶେଷ ମ୍ୟାଚ୍ ଜିତି ଶୃଙ୍ଖଳା ମୂଳପୋଛ କରିବା ଲକ୍ଷ୍ୟ ନେଇ ଆସନ୍ତାକାଲି ମଇଦାନକୁ ଓହ୍ଲାଇବ ରୋହିତଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ। ଶୃଙ୍ଖଳା ନିଜ ନାମରେ କରିବା ପରେ ଭାରତ ଶେଷ ମ୍ୟାଚ୍ ?ରେ ଚୂଡ଼ାନ୍ତ ଏକାଦଶରେ କିଛିଟା ପରିବର୍ତ୍ତନ କରିପାରେ।

ଓପନିଂରେ ରୋହିତ ଶର୍ମା ଏବଂ ଶୁବମାନ ଗିଲ୍ ଦମଦାର ପ୍ରଦର୍ଶନ କରିଛନ୍ତି। ମଧ୍ୟକ୍ରମରେ ବ୍ୟାଟରମାନଙ୍କୁ ପର୍ଯ୍ୟାପ୍ତ ସୁଯୋଗ ମିଳିନାହିଁ। ଏମିତିରେ ଇଶାନ କିଷନ, ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ସୂର୍ଯ୍ୟକୁମାର ଯାଦବଙ୍କୁ ଶେଷ ଦିନିକିଆରେ ପରିସ୍ଥିତି ଅନୁସାରେ ବ୍ୟାଟିଂ କରିବାକୁ ପଠାଯାଇପାରେ।

ଶ୍ରେୟସ ଆୟରଙ୍କ ଅନୁପସ୍ଥିତିରେ ସୂର୍ଯ୍ୟକୁମାର ଯାଦବଙ୍କଠୁ ଭଲ ଇନିଂସର ଆଶା କରାଯାଉଥିଲା। ମାତ୍ର ଟି-୨୦ରେ ଏକ ନମ୍ବର ବ୍ୟାଟର ସୂର୍ଯ୍ୟ ଦିନିକିଆରେ ଏ ପର୍ଯ୍ୟନ୍ତ ଆଖି ଦୃଶିଆ ପ୍ରଦର୍ଶନ କରି ପାରି ନାହାନ୍ତି। ଭାରତକୁ ଚଳିତ ସପ୍ତାହରେ ନ୍ୟୁଜିଲାଣ୍ଡ ବିପକ୍ଷରେ ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ଶୃଙ୍ଖଳା ଖେଳିବ। ତେଣୁ ଦଳ ପ୍ରବନ୍ଧକ ଶେଷ ଦିନିକିଆରେ କିଛି ଖେଳାଳିଙ୍କୁ ବିଶ୍ରାମ ଦେଇପାରେ। ରଜତ ମଙ୍ଗଳବାର ମ୍ୟାଚ୍‌ରେ ପାଟିଦାରଙ୍କୁ ପଦାର୍ପଣ କରିବାର ସୁଯୋଗ ମିଳିପାରେ। ପାଟିଦାର ଘରୋଇସ୍ତରରେ ନିଜ ପ୍ରଦର୍ଶନରେ ସଭିଙ୍କୁ ପ୍ରଭାବିତ କରିଛନ୍ତି।

ବୋଲିଂରେ ମଧ୍ୟ ପରିବର୍ତ୍ତନ କରାଯାଇପାରେ। ଦ୍ରୁତ ବୋଲର ଉମରାନ ମଲିକ୍ ଏବଂ ଲେଗ୍ ସ୍ପିନର ଯୁଜବେନ୍ଦ୍ର ଚହଲଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳିପାରେ। ମହମ୍ମଦ ସିରାଜ, ମହମ୍ମଦ ଶାମି ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ଏ ପର୍ଯ୍ୟନ୍ତ ଭଲ ପ୍ରଦର୍ଶନ କରିଛନ୍ତି। ସ୍ପିନର ମଧ୍ୟ ନିଜର ଭୂମିକା ତୁଲାଇବାରେ ସଫଳ ହୋଇଛନ୍ତି।

ତେବେ ଶେଷ ଦିନିକିଆ ଜିତି ନ୍ୟୁଜିଲାଣ୍ଡ ଭାରତ ବିପକ୍ଷରେ କ୍ଲିନସୁଇପ୍ ହେବାରୁ ବର୍ତ୍ତିବାକୁ ଚେଷ୍ଟା କରିବ। ଫଳରେ ଦଳ ଟି-୨୦ ଶୃଙ୍ଖଳା ପୂର୍ବରୁ ନିଜର ମନୋବଳ ବଢାଇବାକୁ ଚାହିଁବ। ଦଳରେ ପୂର୍ବତନ ଅଧିନାୟକ କେନ୍ ୱିଲିୟମନସନଙ୍କ ଅନୁପସ୍ଥିତି ଅନୁଭୂତ ହେଉଛି।ଦଳର ବ୍ୟାଟିଂ କ୍ରମରେ ଏ ପର୍ଯ୍ୟନ୍ତ ମାଇକେଲ୍ ବ୍ରେସୱେଲ ପ୍ରଭାବ ଛାଡିବାରେ ସଫଳ ହୋଇଛନ୍ତି। ତାଙ୍କ ବ୍ୟତୀତ ମିଚେଲ୍ ସାଣ୍ଟନର ମଧ୍ୟ ଭଲ ବ୍ୟାଟିଂ କରୁଛନ୍ତି। ହୋଲକର ଷ୍ଟାଡିୟମର ପିଚ୍ ବ୍ୟାଟିଂ ପାଇଁ ଅନୁକୂଳ ରହିଥାଏ। ଏଠାରେ ବ୍ୟାଟରଙ୍କ ଉପରେ ଅଙ୍କୁଶ ଲଗାଇବା ପାଇଁ ବୋଲରଙ୍କୁ କଡା ପରିଶ୍ରମ କରିବାକୁ ପଡିବ।

**ଭାରତୀୟ ଦଳ:**ରୋହିତ ଶର୍ମା(ଅଧିନାୟକ), ଶୁବମାନ ଗିଲ୍, ଇଶାନ କିଷନ(ୱିକେଟ୍ କିପର), ବିରାଟ କୋହଲି, ରଜତ ପାଟିଦାର, ସୂର୍ଯ୍ୟକୁମାର ଯାଦବ, କେଏସ ଭରତ(ୱିକେଟ୍ କିପର), ହାର୍ଦ୍ଦିକ ପାଣ୍ଡ୍ୟା(ଉପ ଅଧିନାୟକ), ୱାଶିଂଟନ ସୁନ୍ଦର, ଶାହବାଜ ଅହମ୍ମଦ, ଶାର୍ଦ୍ଦୁଳ ଠାକୁର, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ମହମ୍ମଦ ଶାମି, ମହମ୍ମଦ ସିରାଜ ଏବଂ ଉମରାନ ମଲିକ୍।




# କୁସ୍ତି ମହାସଂଘକୁ ଚଳାଇବେ ମ୍ୟାରୀକମଙ୍କ ନେତୃତ୍ୱାଧୀନ କମିଟି !

**ନୂଆଦିଲ୍ଲୀ:**ଯୌନ ନିର୍ଯାତନା ଭଳି ସାଂଘାତିକ ଅଭିଯୋଗରେ ଫସି ବିବାଦ ମଧ୍ୟକୁ ଆସିଥିବା ଭାରତୀୟ କୁସ୍ତି ମହାସଂଘର ଦୈନିନ୍ଦିନ କାର୍ଯ୍ୟ ବୁଝିବ ସ୍ୱତନ୍ତ୍ର କମିଟି। ଏହି କମିଟିର ନେତୃତ୍ୱ ନେବେ କିମ୍ବଦନ୍ତୀ ବକ୍ସର ତଥା ଅଲିମ୍ପିକ୍ସରେ ଦେଶ ପାଇଁ ପଦକ ଜିତିଥିବା ମ୍ୟାରୀକମ। କ୍ରୀଡା ମନ୍ତ୍ରଣାଳୟ କୁସ୍ତି ମହାସଂଘର ଦୈନନ୍ଦିନ କାର୍ଯ୍ୟର ପରିଚାଳନା ପାଇଁ ଗୋଟିଏ ଓଭରସାଇଟ୍ କମିଟି ଗଠନ କରିବାକୁ ନିଷ୍ପତ୍ତି ନେଇଛି। ବିବାଦର ସମାଧାନ ନ ହେବା ଯାଏ ଏହି କମିଟି କୁସ୍ତି ମହାସଂଘର ସବୁ କାମ ବୁଝି।



ଶନିବାର କ୍ରୀଡା ମନ୍ତ୍ରଣାଳୟ କୁସ୍ତି ମହାସଂଘ ଦ୍ୱାରା ଜାରି ରହିଥିବା ସମସ୍ତ କାର୍ଯ୍ୟକଳାପ ଓ ଇଭେଣ୍ଟକୁ ସସପେଣ୍ଡ କରିଥିଲା। ଗୋଣ୍ଡାରେ ଚାଲିଥିବା ରାଙ୍କିଂ ଟୁର୍ଣ୍ଣାମେଣ୍ଟ ମଧ୍ୟ ବାତିଲ ହୋଇଥିଲା। ଏହାବାଦ କୁସ୍ତି ମହାସଂଘର ସହକାରି ସମ୍ପାଦକ ବିନୋଦ ତୋମାରଙ୍କୁ କାର୍ଯ୍ୟରେ ଅବହେଳା ପାଇଁ ନିଲମ୍ବିତ କରାଯାଇଥିଲା। ଏବେ ମନ୍ତ୍ରଣାଳୟ ଗଠନ କରିବାକୁ ଥିବା କମିଟିର ନେତୃତ୍ୱ ମ୍ୟାରୀକମ ନେବେ ବୋଲି ଜଣାପଡିଛି।

ରେସଲରମାନେ କୁସ୍ତି ମହାସଂଘର ସଭାପତି ବ୍ରିଜ ଭୂଷଣ ଶାରନ ସିଂହଙ୍କ ବିରୋଧରେ ଯୌନ ନିର୍ଯାତନା ଓ ହେରଫେର ଅଭିଯୋଗ ଆଣିଛନ୍ତି। ବ୍ରିଜ ଭୂଷଣ ବିଜେପିର ଜଣେ ସାଂସଦ ଓ ସେ ଗୋଣ୍ଡା ଜିଲ୍ଲାରୁ ଆସିଛନ୍ତି। ତାଙ୍କ ପୁଅ ପ୍ରତୀକ ଭୂଷଣ ଗୋଣ୍ଡା ସଦରରୁ ୨ଥରର ସାଂସଦ। ବ୍ରିଜ ଭୂଷଣଙ୍କ ପତ୍ନୀ କେତକୀ ଦେବୀ ଗୋଣ୍ଡା ଜିଲ୍ଲା ପଞ୍ଚାୟତର ସଭାପତି। ଏପରି ସ୍ଥିତିରେ ରେସଲରମାନେ ତାଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣି ୧୮ ତାରିଖରୁ ବିକ୍ଷୋଭ ଆରମ୍ଭ କରିଥିଲେ। ଅବଶ୍ୟ ଏହା ୨୦ ତାରିଖ ବିଳମ୍ବିତ ରାତିରେ ଶେଷ ହୋଇଛି।ରେସଲରମାନେ ବ୍ରିଜ ଭୂଷଣଙ୍କ ଇସ୍ତଫା ଦାବି କରୁଥିବା ବେଳେ ସେ ନିଜ ଜିଦରେ ଅଟଳ ରହିଛନ୍ତି। ସେ କୁସ୍ତି ମହାସଂଘର ସଭାପତି ପଦରୁ ଇସ୍ତଫା ଦେବାର ପ୍ରଶ୍ନ ଉଠୁନି ବୋଲି କହି ଚାଲିଛନ୍ତି। ତେବେ ଭାରତୀୟ ଅଲିମ୍ପିକ ଆସୋସିଏସନ(ଆଇଓଏ) ତାଙ୍କ ବିରୋଧରେ ଆସିଥିବା ଯୌନ ନିର୍ଯାତନା ଅଭିଯୋଗର ତଦନ୍ତ କରିବାକୁ ନିଷ୍ପତ୍ତି ନେଇଛି। ଏଥିପାଇଁ ୭ ଜଣିଆ କମିଟି ଗଠନ କରାଯାଇଛି। କମିଟିରେ ଆଇଓଏ ସଦସ୍ୟ ମ୍ୟାରୀକମ, ଡୋଲା ବାନାର୍ଜୀ, ଅଳକାନନ୍ଦା ଅଶୋକ, ଯୋଗେଶ୍ୱର ଦତ୍ତ ଓ ସହଦେବ ଯାଦବ ରହିଛନ୍ତି। କମିଟି ଗଠନ ହେବା ପରେ ହିଁ ରେସଲରମାନେ ବିକ୍ଷୋଭ ଶେଷ କରିଥିଲେ।

# ଋଷଭ ପନ୍ତଙ୍କ ପାଇଁ ମହାକାଳେଶ୍ୱର ମନ୍ଦିରରେ ଭାରତୀୟ ଖେଳାଳିଙ୍କ ପୂଜାର୍ଚ୍ଚନା

**ଇନ୍ଦୋର:**ମଧ୍ୟପ୍ରଦେଶର ଇନ୍ଦୋରରେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ତୃତୀୟ ଦିନିକିଆ ପୂର୍ବରୁ ଭାରତୀୟ ଖେଳାଳି, ଅମ୍ପାୟାର ଓ ଅଧିକାରୀମାନେ ପ୍ରସିଦ୍ଧ ଉଜ୍ଜୟୀନ ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି। ଭାରତୀୟ ଖେଳାଳି ଓ ଅନ୍ୟ ସଦସ୍ୟମାନେ ମନ୍ଦିରରେ ଆୟୋଜିତ ଭସ୍ମ ଆରତୀରେ ଭାଗ ନେଇ ଦୁର୍ଘଟଣାରେ ଆହତ ହୋଇଥିବା କ୍ରିକେଟର ଋଷଭ ପନ୍ତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।



ଆରତୀ ଓ ଜଳାଭିଷେକ କରିଥିବା ଖେଳାଳିମାନଙ୍କ ମଧ୍ୟରେ ସୂର୍ଯ୍ୟ କୁମାର ଯାଦବ, ୱାଶିଂଟନ ସୁନ୍ଦର ଓ କୁଲଦୀପ ଯାଦବ ରହିଥିଲେ। ସେମାନେ ସମସ୍ତେ ମହାକାଳେଶ୍ୱର ମନ୍ଦିରରେ ପନ୍ତଙ୍କ ସୁସ୍ଥ କାମନା କରି ପୂଜାର୍ଚ୍ଚନା କରିଛନ୍ତି। ଟିମରେ ଥିବା ସର୍ପୋଟଷ୍ଟାଫ ଓ ଅମ୍ପାୟାରମାନେ ମଧ୍ୟ ମନ୍ଦିରରେ ବିଭିନ୍ନ ନୀତିକାନ୍ତି କରିଥିବା ବେଳର ଫଟୋ ସାମ୍ନାକୁ ଆସିଛି। ଉଜ୍ଜୟୀନର ଲୋକସଭା ସାଂସଦ ଅନୀଲ ଫିରୋଜାଇ ଏହି ସମୟରେ ୩ ଖେଳାଳିଙ୍କୁ ସମ୍ବର୍ଦ୍ଧନା କରିଥିଲେ। ପୂଜାର୍ଚ୍ଚନା ପରେ ଭାରତୀୟ ସ୍କ୍ୱାଡର ୨୫ ଜଣ ସଦସ୍ୟ ମିଳିତ ଭାବେ ମହାନିର୍ବାଣୀ ଆଖଡାର ମହନ୍ତ ଶ୍ରୀ ବିନୀତ ଗିରିଜୀ ମହାରାଜଙ୍କୁ ଭେଟି ଆଶୀର୍ବାଦ ନେଇଥିଲେ। ପୂଜାର୍ଚ୍ଚନା ପରେ ଷ୍ଟାର ବ୍ୟାଟର ସୂର୍ଯ୍ୟ କୁମାର ଯାଦବ କହିଛନ୍ତି, ସେମାନେ ଟିମର ସଦସ୍ୟ ପନ୍ତ କେମିତି ଶୀଘ୍ର ସୁସ୍ଥ ହୋଇଯାଆନ୍ତୁ, ସେନେଇ ମହାକାଳଙ୍କ ପାଖରେ ପ୍ରାର୍ଥନା କରିଛନ୍ତି।ସୂର୍ଯ୍ୟ କୁମାର କହିଛନ୍ତି, " ଆମେ ପନ୍ତଙ୍କ ଶୀଘ୍ର ଆରୋଗ୍ୟ ପାଇଁ କାମନା କରିଛୁ। ତାଙ୍କ ପ୍ରତ୍ୟାବର୍ତ୍ତନ ଆମ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ। ଆମେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଦିନିକିଆ ସିରିଜ ଜିତି ସାରିଛୁ। ସେମାନଙ୍କ ବିରୋଧରେ ଖେଳା ଯିବାକୁ ଥିବା ଶେଷ ମ୍ୟାଚ୍‌କୁ ଅପେକ୍ଷା କରିଛୁ।"ଭୋର ସମୟରେ ପ୍ରଭୁ ଶିବଙ୍କ ପାଖରେ ଭସ୍ମ ଆରତୀ ହୋଇଥାଏ। ଏଥିପାଇଁ ଆଜି ସକାଳୁ ୩ ଖେଳାଳି ଓ ଅନ୍ୟମାନେ ପରମ୍ପରା ଅନୁଯାୟୀ ଧୋତି ଓ ଅଙ୍ଗବସ୍ତ୍ରମ ପିନ୍ଧି ମନ୍ଦିରରେ ପହଞ୍ଚିଥିଲେ। ଏହାପରେ ସେମାନେ ନୀତିକାନ୍ତି କରିଛନ୍ତି।

# ଯଶୋଟିକିରି ମହାବୀର କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ

**ଭଦ୍ରକ, (ପିଏନ)-** ଏହି ଜିଲାର ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ଯଶୋଟିକିରି ମହାବୀର କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି। ଟୁର୍ଣ୍ଣାମେ ର ୨୬ତମ ସଂସ୍କରଣରେ ଜଗତସିଂପୁର ମାଷ୍ଟରର୍ସ ୧୧ ଦଳ ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚ ଭଦ୍ରକ ୟୁନିକ ଏକାଡେମୀ ଦଳ ଓ ମାଷ୍ଟରର୍ସ ୧୧ ଜଗତସିଂପୁର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଯଶୋଟିକିରୀ ମହାବୀର କ୍ରିକେଟ ପଡିଆରେ ଅନୁଷ୍ଠିତ ଏହି ମ୍ୟାଚରେ ମାଷ୍ଟରର୍ସ ୧୧ ଜଗତସିଂପୁର ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୭ ଉଇକେଟ ହରାଇ ୧୯୭ ରନ ସ୍କୋର କରିଥିଲେ। ଦଳର ବ୍ୟାଟ୍ସମ୍ୟାନ ସନ୍ତୋଷ ସେଠୀ ୬୪ ଓ ବିନାୟକ ମହାନ୍ତି ୫୨ ରନ ସ୍କୋର କରିଥିଲେ। ବିପକ୍ଷ ଦଳର ବୋଲର ଅବିନାଶ ସିଂ ୫ ଓଭର ବୋଲିଂ କରି ୪୧ ରନ ଦେଇ ୩ ଉଇକେଟ ଅକ୍ତିଆର କରିଥିଲେ। ଭଦ୍ରକ ୟୁନିକ ଦଳ ନିର୍ଦ୍ଧାରିତ ୨୫ ଓଭରରେ ୭ ଉଇକେଟ ବିନିମୟରେ ୨୯୦ ରନ ସ୍କୋର କରିଥିଲା। ଜବାବରେ ଭଦ୍ରକ ୟୁନିକ ଦଳ ମାତ୍ର ୧୬.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୧୪ ରନ ସ୍କୋର କରି ପରାଜିତ ହୋଇଥିଲା। ଦଳର ବ୍ୟାଟ୍ସମ୍ୟାନ ପ୍ରଦୀପ ତିଆଡି ୨୫ରନ ସ୍କୋର କରିଥିଲେ। ବିପକ୍ଷ ଦଳର ବୋଲର ସନ୍ତୋଷ ସେଠୀ ୫ ଓଭର ବୋଲିଂ କରି ୨୫ ରନ ବିନିମୟରେ ୪ ଉଇକେଟ ହାସଲ କରିଥିଲେ। ଚାମ୍ପିଅନ ଦଳର ଖେଳାଳି ସନ୍ତୋଷ ସେଠୀ ଉଭୟ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ସି.ଆର.ପି.ଏଫ. ଦଳର ଖେଳାଳୀ ଦେବାଶିଷ ପ୍ରଧାନ ସର୍ବଶ୍ରେଷ୍ଠ ବୋଲର ଓ ପଙ୍କଜ ସାହୁ ସର୍ବଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ବିବେଚିତ ହୋଇଥିଲେ। ଦୁର୍ଗାପ୍ରସାଦ ପଟ୍ଟନାୟକ ଓ ଦେବବ୍ରତ ଦାସ ମ୍ୟାଚର ଅମ୍ପାୟାର ଦାଇତ୍ୱ ତୁଲାଇଥିଲେ। ବୃନ୍ଦାବନ ନାୟକ ଓ ସଚ୍ଚିନ ରଥ ଏବଂ କିରଣ ମନୋହର ମହାନ୍ତି ଅନଲାଇନ ମ୍ୟାଚ ସ୍କୋରର ଦାଇତ୍ୱ ତୁଲାଇଥିଲେ। ପ୍ରଶାନ୍ତ ପଟ୍ଟନାୟକ ଓ ପ୍ରତ୍ୟୁଷ ସାହୁ ଧାରାବିବରଣୀ ଦେଇଥିଲେ। ଖେଳ ଶେଷରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ବିଧାୟକ ପ୍ରଫୁଲ୍ଲ ସାମଲ, ବିଧାୟିକା ରିତା ସାହୁ, ସଂସଦ ମଞ୍ଜୁଲତା ମଣ୍ଡଳ, ସଂସଦ ସୁଲତା ଦେଓ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ସିନେ ତାରକା ତଥା ପୂର୍ବତନ ସଂସଦ ସିଦ୍ଧାନ୍ତ ମହାପାତ୍ର, ସରପ ଦେବଦାସୀ ଜେନା, ପୂର୍ବତନ ସରପ ତପସ୍ୱନୀ ଜେନା, ଜିଲ୍ଲା ପରିଷଦ ସଦସ୍ୟ ବଦ୍ରୀନାରାୟଣ ରାଉତ, ସମିତି ସଭ୍ୟ ରାଜେଶ ଜେନା, ସମାଜସେବୀ ଗୋଲକ ବେହେରା, ଅମିତାଭ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିଅନ, ରନରସପ ଓ କୃତୀ ଖେଳାଳୀଙ୍କୁ ପୁରସ୍କୃତ କରିଥିଲେ। ମହାବୀର କ୍ରିକେଟ କ୍ଲବର ସଦସ୍ୟ ଉମେଶ ସ୍ୱାଇଁ, ସୁଧାଂଶୁ ରାଉତ, ତାପସ କୁମାର ପ୍ରଧାନ, ହରିହର ପୃଷ୍ଟି, ଶ୍ରୀକାନ୍ତ ବାରିକ, କୈଳାସ ଦ୍ୱିବେଦୀ, ଅବିନାଶ ପଣ୍ଡା, ଅଭିଜିତ ରାଉତ, ଚନ୍ଦନ ରଥ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray